
# ଦୁତୀୟା ଓଷା

## ବା

# ପୁଅ ଜୀଉନ୍ତିଆ ଓଷା



# ବୃହତ୍

# ଦୁତୀୟା ଓଷା

# ବା

# ପୁଅଜିଉନ୍ତିଆ

## ପ୍ରଥମ ଛାନ୍ଦ

ଜୟ ଜୟ ତୁ ଧର୍ମ ନିରଞ୍ଜନ । ଜୟ ଜୟ ଧର୍ମ ଦୁତିବାହନ ॥
ଯାହା ନାମ ଗୋଟି ସଂସାରେ ସାର । ଶୁଣିଲେ ନାନା ଦୋଷୁ ହୋଇ ପାର ॥
ଦୁତୀୟା ଓଷାର ମହିମା ଯେତେ । କଥା ପ୍ରସଙ୍ଗରେ କହୁଛି ଗୀତେ ॥
ବାନ୍ଝୀ ମଢ଼ିଛି ଅବିବାହୀ ନାରୀ । କାଳପୁରୁଷ ପେଟହରା ସ୍ତିରୀ ॥
କୁଳନାଶକୁ କାକ ବାନ୍ଝୀ ମିଳେ । ଚନ୍ଦ୍ରଗ୍ରହଣ ଫଳ ବନ୍ଧ୍ୟା ଠୁଳେ ॥
କୁଳଟା ସ୍ତିରୀ ଯେ ଅକର୍ମୀ ନାରୀ । ଏ ଓଷା କଲେ ଏତେ ଦୋଷୁ ତରି ॥
ଅତି ଦୁର୍ଗତିରେ ଦୁତୀୟା ଓଷା । ପାରିଲା ଲୋକ କରନ୍ତି ସହସା ॥
ଆନ ଓଷାରେ ନାହିଁ ଏତେ କାଷ୍ଠା । ଫଳ ମିଳେ ଯେହୁ କହଇ ନିଷ୍ଠା ॥
ନିଷ୍ଠାରେ ଯେ ଜନ ଓଷା କରିବ । ଧନ ଜନ ଗୋପ ଲକ୍ଷ୍ମୀ ଲଭିବ ॥
ଦୁତୀୟା ଓଷାର ଫଳ ବିଶେଷ । ଗୀତେ କହିଲେ ପୁରୁଷୋତ୍ତମ ଦାସ ॥

❖

## ଦ୍ୱିତୀୟ ଛାନ୍ଦ

ଆଶ୍ୱିନ କୃଷ୍ଣ ସପତମୀ ଦିନ । ଏକବାର କରି ଓଷା ବିଧାନ ॥
ନାନା ବ୍ୟଞ୍ଜନ କରିଣ ସମ୍ପୂର୍ଣ୍ଣ । କ୍ଷିରୀ ପିଠା ଆଦି ଘୃତାନ୍ନ ଅନ୍ନ ॥
ଏକା ଲେଉଟିଆ ଶାଗକୁ ଛାଡ଼ି । ସର୍ବପରିବା ଯେ ଯାହାକୁ ଲୋଡ଼ି ॥

ଏମାନ ସଂଯୋଗ କରି ଥୋଇବ । ସୁଗନ୍ଧ ଘେନି ସ୍ନାହାନକୁ ଯିବ ॥
ଦେଖିଣ ଉତ୍ତମ ନଦୀ ପୋଖରୀ । ତୋଠ ଓଳିଆଇ ନିର୍ମଳ କରି ॥
ବାଲିରେ ତିଳ ଶିଆଳ ଗଢ଼ିବ । ଦୁହିଁଙ୍କ ଦୁଇ ଦାନ୍ତକାଠି ଦେବ ॥
ଅପମାରଙ୍ଗର ସେ ଦାନ୍ତ କାଠି । ଆଉ କାଠିମାନ ବିଧି ନୁହେଁଟି ॥
ନାଢ଼ିଲଗା ଜହ୍ନି କାକୁଡ଼ି ମାନ । ତାହା ଉପରେ କରିବ ମଣ୍ଡନ ॥
ନାନା ଗନ୍ଧ ପୁଷ୍ପେ ତାଙ୍କୁ ପୂଜିବ । ବହୁତ ପ୍ରକାର ସ୍ତୁତି କରିବ ॥
ସୂର୍ଯ୍ୟ ଦେବତାଙ୍କୁ ପ୍ରଣାମ କରି । ମନର ବାଞ୍ଛା ମନରେ ସୁମରି ॥
ପଛକୁ ଲେଉଟି ଚାହିଁବ ନାହିଁ । ଘରକୁ ଆସିବ ମଉନ ହୋଇ ।
ପିନ୍ଧିବ ଆସି ସୁକ୍ଷୀନ ବସନ । ସିନ୍ଦୁର କଜ୍ଜ୍ୱଳ ଆଉ ଚନ୍ଦନ ।
ଯାହାର ଯେ ଥିବ ଯେମନ୍ତ ଦ୍ରବ୍ୟ । ନୂଆବସନ ତ ଅତି ଦୁର୍ଲ୍ଲଭ ।
ନୂସ୍ତମନେ ସବୁ ଯତନ କରି । କ୍ଷୀରି ପିଠା ଆଦି ସମ୍ଭାର ଭରି
ସକଳ ଦ୍ରବ୍ୟ ରାନ୍ଧିଥିବ ଯାହା । ସ୍ଥାନ ଲିପି ପୋଛି ବାଢ଼ିବ ତାହା
ଦୁତିବାହନଙ୍କୁ ନୈବେଦ୍ୟ ଦେବ । ତଦନ୍ତେ ତିଳଶିଆଳ ପୂଜିବ
ବନ୍ଧୁବାନ୍ଧବଙ୍କୁ ଡାକି ଭୁଞ୍ଜିବ । ପୁତ୍ର ଗୃହସ୍ଥଙ୍କୁ ସମାନ ଦେବ
ରାତ୍ରିରେ ଏଇ ପ୍ରକାର କରିବ । ନିଶାରେ ଦୁତିବାହନ ପୂଜିବ
ଏଇ ରୂପେ ଏକବାରକୁ କରି । ରାତ୍ରପାହିଲେ ଯେ ଓଷା ଆଚରି
ଦ୍ୱିତୀୟ ଛାନ୍ଦ କଥା ହେଲା ଶେଷ । ଗୀତେ ଭଣିଲେ ପୁରୁଷୋତ୍ତମ ଦାସ

❖

## ତୃତୀୟ ଛାନ୍ଦ

ଅଷ୍ଟମୀ ଦିନ ପ୍ରଭାତରୁ ଉଠି । ତିଳ ଶିଆଳଙ୍କୁ ଯାଇଣ ଭେଟି
ବିଧି ବିଧାନେ ସ୍ନାହାନ ସାରିବ । ସେ ଦିନଯାକ ଯେ ନିର୍ଜ୍ଜଳ ହେବ

ସନ୍ଧ୍ୟା କାଳରେ ପବିତ୍ର ସ୍ଥାନରେ । କୋଠି ସଜାଡ଼ି ଆନନ୍ଦ ମନରେ ॥
ଜାଣିବା ଲୋକ କୋଠି ସଜାଡ଼ିବ । ନ ଜାଣିବା ଲୋକ ଦଣ୍ଡ ପାଇବ ॥
ଚାରି କୋଣିଆ କରିଣ ଖୋଳିବ । ମଝି ଦୀପଦଣ୍ଡୀ ପରି କରିବ ॥
ଦୈର୍ଘ୍ୟ ପ୍ରାୟ ଦୁଇ ହାତେ ପ୍ରମାଣ । ଏଥିରୁ କେବେ ନ କରିବ ଆନ ॥
କଣି ପୋତିଣ କୁଞ୍ଜ ସଜାଡ଼ିବ । ତୁଳସୀ ବୃକ୍ଷକୁ ମଧ୍ୟେ ରୋପିବ ॥
ଉପରେ ଚାନ୍ଦୁଆ ଗୋଟିଏ ବାନ୍ଧି । କଇଁଫୁଲ ମଣ୍ଡି ପୂରାଇ ସନ୍ଧି ॥
କୋଠି ମଧ୍ୟରେ କଦଳୀ ଲଗାଇ । ଜିତିବାହନ ବର୍ଣ୍ଣ ତାକୁ କହି ॥
ବାନ୍ଛୀ ମଢ଼ିହି ପୁତ୍ର ଦୋଷ ପାଇଁ । ଦକ୍ଷିଣେ ସ୍ଥାପିବ ଦି'ଡାଳ ନେଇ ॥
ବାସ ଝୁଇଡାଳ ଆଣି ସତ୍ୱର । ଯତନେ ରୋପିବ ତହିଁ ପାଶର ॥
ନାନାଦି ବର୍ଣ୍ଣରେ ମୁରୁଜ କରି । ସୂର୍ଯ୍ୟ ଦେବଙ୍କୁ ଲେଖିବ ସୁମରି ॥
ଚିଲ ଶିଆଳଙ୍କୁ ରଖି ଉତ୍ତର । ପଶ୍ଚିମରେ ଜିତବାହନ ପୁର ॥
ସକଳେ ପିନ୍ଧିଣ ଶୁକ୍ଳ ବସନ । ସିନ୍ଦୂର କଜ୍ଜ୍ୱଳମାନ ଘେନିଣ ॥
ଉତ୍ତମ ରୂପେ ସୁବେଶ ହୋଇ । କୋଠି ସମୀପରେ ଯାଇଁ ବସିବ ॥
ଘୃତ ଦୀପ ଗୋଟି ଜାଳି ଜାଗର । ସମ୍ଭାଦି ରଖିବ ପୂଜା ସମ୍ଭାର ॥
ନିଆଁ ଲୁହା ଯହିଁ ଲାଗିବ ନାହିଁ । ପୂଜା ଦ୍ରବ୍ୟମାନ ଥିବ ଭିଆଇ ॥
ଆଖୁ କନ୍ଦମୂଳ ନଡ଼ିଆ ମୁଗ । ପାଚିଲା କଦଳୀ ସୋଲ୍ଲୁ ନାରଙ୍ଗ ॥
ବଡ଼ଚଣା ମୁଳା ପାନ କାକୁଡ଼ି । ମକା କରମଙ୍ଗା ନଅର କୋଳି ॥
ଉଆଉ ଜାମ୍ବୀଳ ଲେମ୍ବୁ କମଳା । କେଉଦାକୋଳି ଯେ ପଦ୍ମ ପୁଷ୍କରା ॥
ଛଚ୍ଚି କଖାରୁ ଆଦି କରି ଯେତେ । ଏକୋଇଶ ଦ୍ରବ୍ୟ ଏହି ସଂପୁଟେ ॥
ଟାଙ୍କୁଡ଼ା ଗୋଟିକେ ସକଳ ଭରି । ନୂଆ ବସନକୁ ପାହାଡ଼ାକରି ॥
ପୂଜା ଘେନାଇ ମିଳି କୋଠି ପାଶେ । ବସିବେ ସକଳେ ମନ ହରଷେ ॥

ଭଣ୍ଡାର ଘରରେ ଚାଙ୍ଗୁଡ଼ାମାନ । ସଜାଡ଼ି ରଖିବ ସବୁ ଯତନ ।।
ଯେଉଁମାନଙ୍କର ପାହାଡ଼ା ଥିବ । କୋଠି ଚାରିପାଖେ ବେଢ଼ାଇ ଦେବ ।।
କଉଡ଼ି ଏକୋଇଶ ଗଣ୍ଡା ଗୁଆ । ଆଗ କୋଠିରେ ପକାଇବ ତାହା ।।
ଏଣୁ ଭଣ୍ଡା କଲେ ଫଳ ନ ପାଇ । ଖଣ୍ଡନ କଲେ ଧର୍ମ ଖଣ୍ଡ ହୋଇ ।।
ଦୁତିବାହନ ହୁଅନ୍ତି ସନ୍ତୋଷ । ପ୍ରସ୍ତାବେ କହେ ପୁରୁଷୋତ୍ତମ ଦାସ ।।

## ଚତୁର୍ଥ ଛାନ୍ଦ

ଏଥୁ ଅନନ୍ତରେ ସାନନ୍ଦେ ନାରୀ । କଥା ଶୁଣିବ ଏକ ମନ କରି ।।
କୌଣସି ଆଡ଼କୁ ମନ ନ ଦେବ । କଥା ଶେଷରେ ହୁଳହୁଳି ଦେବ ।।
ଏଥିଉତାରୁ ଶୁଣ ସେହି କଥା । ଦୁତିବାହନଙ୍କ ଯେତେ ବ୍ୟବସ୍ଥା ।।
ସୂର୍ଯ୍ୟମଣ୍ଡଳ ବୋଲି ନଗ୍ର ଏକ । ସେ ନଗ୍ରେ ବସନ୍ତି ଅନେକ ଲୋକ ।।
ଅଷ୍ଟପାଟକଙ୍କ ଆଦି ପରଜା । ସୁରକ୍ଷିତ ବୋଲି ସେ ରାଜ୍ୟ ରାଜା ।।
ନାନା ଐଶ୍ୱର୍ଯ୍ୟେ ବଢ଼ଇ ଧନ । କାହାରି ବଢ଼ଇ ନାହିଁ ସନ୍ତାନ ।।
ସେ ନଗ୍ରେ ଦୁର୍ଲ୍ଲଭା ନାମେ ବ୍ରାହ୍ମଣୀ । ବାଳୁତ ବିଧବା ଅଟେ ସେ ପୁଣି ।।
ରୂପ ଗୁଣରେ ସୁଲକ୍ଷଣା ଶୋଭା । କି ଅବା ପାର୍ବତୀରତି କି ରମ୍ଭା ।।
ସୂର୍ଯ୍ୟଙ୍କୁ ତା' ମନେ ବଡ଼ ଭକତି । ସୂର୍ଯ୍ୟ ଜପ, ସ୍ତୁତି କରଇ ନିତି ।।
ଅକର୍ମେ ନଥାଇ ସୁକର୍ମେ ଥାଇ । ଉଚିତ ଦୁଃଖ ଯେ ତାହା ପାଳଇ ।।
ସନ୍ତୋଃ ନାମେ ଯେ ତା'ର ପୋଇଲି । କୁଟା କରନ୍ତି ରାଣ୍ଡ ଲୋକ ବୋଲି ।।
ଏମନ୍ତେ ତହିଁ କିଛି ଦିନ ଗଲା । ଆଶ୍ୱିନ ମାସ ପିତୃ ପକ୍ଷ ହେଲା ।।
ଶ୍ରାଦ୍ଧ ଦେବାକୁ ସନ୍ତୁରି ମନ । ସୁରକ୍ଷିତ ରାଜା କହେ ବଚନ ।।

ମନ୍ତ୍ରୀକି ତହିଁ ରାଜା ଆଜ୍ଞା ଦେଲେ । ଆମ୍ଭେ ଯେ ଶ୍ରାଦ୍ଧ କରିବା ବୋଇଲେ ॥
ଧାନକୁଟା ଦେବ କୁଟହୁଣିକି । କୁଟା ଧାନ ହିଁ ଦେଲେ ବ୍ରାହ୍ମଣୀକି ॥
ରାଜ ନଅର କୋଠ ଖନ୍ଦା ହେବ । ଚାରିଦିନେ ସବୁ ଚାଉଳ ଦେବ ॥
ଖରାକୁ ସିନା ସବୁରି ଭରସା । ଦଇବରେ କଲା ଘୋର ବରଷା ॥
କେହି ନ କୁଟିଲେ କୁଟାର ଧାନ । ବ୍ରାହ୍ମଣୀର ହେଲା ଅଧୈର୍ଯ୍ୟ ମନ ॥
କୁଟାଚାଉଳ ରାଜା ଘରେ ତୁରା । କେମନ୍ତ ମୁଁ ଦେବି ନହେଲା ଖରା ॥
ଚାଉଳ ନ ଦେଲେ ଦଣ୍ଡିବ ନେଇ । ସତ୍ୟ ମନାସିଲା ସୂର୍ଯ୍ୟଙ୍କୁ ଚାହିଁ ॥
ମୋ ପତି ଦେବ ଧର୍ମ ନିରଞ୍ଜନ । ଶୁଖାଇ ଦିଅ ମୋ ଉଷୁନା ଧାନ ॥
ସତ୍ୟ ସତ୍ୟ ଯହୁଁ କଲା ବ୍ରାହ୍ମଣୀ । ଆକାଶେ ଚଢି ଯାନ୍ତେ ଦିନମଣି ॥
କିରଣ ତେଜେ ଶୁଖାଇଲା ଧାନ । ସତ୍ୟ କରିଛି ଦେବ ନିରଞ୍ଜନ ॥
ଶୁଖିଲା ଧାନକୁ କୁଟିଲା ନେଇ । ଆଉ ମାନେଛନ୍ତି ସବୁ ଉସେଇଁ ॥
ବ୍ରାହ୍ମଣୀ ସତ୍ୟ ଶୁଣିଛନ୍ତି ସୂର୍ଯ୍ୟ । କାମ ଆରତେ ନ ରହଇ ଧୈର୍ଯ୍ୟ ॥
ବୁଡ଼ିଲାବେଳେ ଯେ ହୋଇଲା ରାତି । ବ୍ରାହ୍ମଣୀ ଘରକୁ ସୂର୍ଯ୍ୟ ଚଳନ୍ତି ॥
ଏମନ୍ତ କୃତ୍ୟ ସେ ବ୍ରାହ୍ମଣୀ କଲା । ସତ୍ୟ କରି ପୁଣି ନିସତ୍ୟ ହେଲା ॥
ସତ୍ୟ କରିଛି ଆସିବେ ଅବଧି । ମନେ ବିଚାରିଲା କପଟ ବୁଦ୍ଧି ॥
ନାନା ଅଳଙ୍କାର ଭୂଷଣ କରି । ପାଟ ଉପରାଣ ପାଟେ ପହୁରି ॥
ଯେଉଁ ଖଟେ ଶୋଇଥାଏ ବ୍ରାହ୍ମଣୀ । ତହିଁରେ ତାକୁ ଶୁଖାଇଲା ଆଣି ॥
ପୋଇଲିଶୁଅଇ ଯେବଣ ଘରେ । ବ୍ରାହ୍ମଣୀ ଯାଇ ଶୋଇଲା ତହିଁରେ ॥
ଆଗତ କରି ଦାସୀକି ବୋଲଇ । ପୁରୁଷ ଆଇଲେ ଡରିବୁ ନାହିଁ ॥
ହୁକାରକରି ନବୋଲିବୁ ତାଙ୍କୁ । ମାଗିଲା ମାତ୍ରକେ ଦେବୁ ଦେହକୁ ॥
କିଛି ନବୋଲି ତୁନି ହୋଇଥିବୁ । ଯାହା କହିବେ ମନରେ ରଖିବୁ ॥

ନିଶା ନିର୍ଜନରେ ଶୋଇଲେ ଯାଇ । ବିଜେକଲେ ଛାୟା ଦେବୀର ପାଶେଁ ॥
ଦିନକର ନାଥ କାମେ ଆରତ । ଏତେକ ବ୍ରାହ୍ମଣୀ କରିଛି ସତ୍ୟ ॥
ନାନା ରସବନ୍ଧେ କରିବେ କେଳି । ବିଚାରି ବ୍ରାହ୍ମଣୀ ମନ୍ଦିରେ ମିଳି ॥
ଦେଖିଲେ ସେଠାରେ ବ୍ରାହ୍ମଣୀ ନାହିଁ । ପୋଇଲି ଶୋଇଛି ସୁତବେଶ ହୋଇ ॥
ସେ ଅନ୍ତର୍ଯ୍ୟାମୀଙ୍କି ଭବାର ନାହିଁ । ଦାସୀବୋଲି କରି ଚିହ୍ନିଲେ ତହିଁ ॥
ଏତେ ବିଚାରି ବାହୁଡ଼ିଲେ ବେଗ । ଆମ୍ଭେ କି ଛୁଇଁବା ଦାସୀର ଅଙ୍ଗ ॥
ମଦନେ ଉଚ୍ଛନ୍ନ ହେଉଛି ଅଙ୍ଗ । ଯେଣୁ ହୋଇନାହିଁ କାମିନୀ ସଙ୍ଗ ॥
ସେହି ବ୍ରାହ୍ମଣୀ ଅଗଣା ଭିତରେ । ପ୍ରସାବ କଲେ ଲେଉଟିଆ ମୂଳେ ॥
ଯେତେକ ବୀର୍ଯ୍ୟ ଉଦରରେ ଥିଲା । ପ୍ରସାବ ସଙ୍ଗତେ ଗଳିପଡ଼ିଲା ॥
ନିରାଶେ ପ୍ରଭୁ ଚଳିଲେ ଭୁବନ । ଶ୍ରୀପୁରୁଷୋତ୍ତମ କହେ ବଚନ ॥

❖

## ପଞ୍ଚମ ଛାନ୍ଦ

ଏଥୁ ଅନ୍ତେ କଥା ଶୁଣ ସୁଜନ । ପୁଣି ନିଶିପାହି ହୋଇଲା ଦିନ ॥
ବ୍ରାହ୍ମଣୀ ଉଠି ଦାସୀଙ୍କୁ ପୁଛିଲା । କହଲୋ ରାତ୍ରରେ କେ ଆସିଥିଲା ॥
ଦାସୀ ବୋଇଲା ମୁଁ ଜାଣଇ ନାହିଁ । ଦେଖିଲି ଘରେ ଖରା ଥିଲା ହୋଇ ॥
ଶୁଣିଣ ବ୍ରାହ୍ମଣୀ ହେଲା ମଉନ । ପାଞ୍ଚିଲା ମୁହିଁ ହେଲି ସତ୍ୟ ଭଗ୍ନ ॥
ଦାସୀ କି ଫେଡ଼ି କିଛି ନ କହିଲା । ନେଉଟିଆ ଗଛେ ବୀର୍ଯ୍ୟ ରହିଲା ॥
ଏମନ୍ତେ ଗଲା ସେ କିଛି ଦିବସ । ବ୍ରାହ୍ମଣୀ ହୋଇଲା ପାକ ସରଣ ॥
ପଞ୍ଚମ ଦିନେ ଶୁଦ୍ଧ ସ୍ନାନ କଲା । ପୋଇଲୀ କି ତାର ରାଇ ବୋଇଲା ॥
ଆହେ ସପତଣୀ ଶୁଣ ତୁ ବେଗ । ଅନାବନାକରି କରଲୋ ଶାଗ ॥
ଏକଥା କେହିତ ଜାଣନ୍ତି ନାହିଁ । ସେହି ଲେଉଟିଆ ତୋଳିଲା ଯାଇ ॥

ଯତନ କରି ଖରଡ଼ିଲା ପୁଣି । ଆନନ୍ଦେ ଖାଇଲା ତାହା ବ୍ରାହ୍ମଣୀ ।।
ଅକ୍ଷୟ ବୀର୍ଯ୍ୟତ କ୍ଷୟ ନୋହିଲା । ରାଣୀ ବ୍ରାହ୍ମଣୀ ଗର୍ଭବାସ ହେଲା ।।
ଦିନକୁଦିନ ତ ପେଟ ଦିଶିଲା । ଭୁଟଭାଟ କଥା ଦାଣ୍ଡେ ପଡ଼ିଲା ।।
ରାଜାଙ୍କ ଛାମୁରେ ପଡ଼ିଲା ଯାଇ । ଧରାଇ ନେଲେ ଲୋକ ବରଗାଇ ।।
ରାଜା ଆଜ୍ଞା ଦେଲେ ଶୁଣ ବ୍ରାହ୍ମଣୀ । ଏତେ ଅନୀତିକଲୁ କାହିଁ ପୁଣି ।।
ରାଜା ବଚନେ ବ୍ରାହ୍ମଣୀ କହଇ । ଶୁଣିମା ଦେବ ସାବଧାନ ହୋଇ ।।
ଅଶ୍ୱିନମାସ ପିତୃପକ୍ଷ ହେଲା । ଶ୍ରୀନବରୁ ଧାନକୁଟା ପଡ଼ିଲା ।।
ସମସ୍ତ ଘରେ ଧାନ ଦେଲେ ନେଇ । ମୋ ଘରେ ଧାନ ଅଜାଡ଼ିଲେ ଯାଇ ।।
ଧାନ ଦେଇ କରି ସେବକ ଗଲେ । ଚାରିଦିନକୁ ନିଷ୍ଟ ସେହୁ କଲେ ।।
ଏମନ୍ତ ତହୁଁ ସେ ବରଷା ହେଲା । ଧାନ ଉସାଁଇଲି ଖରା ନକଲା ।।
ଚାଉଳ କେମନ୍ତ ରାଜାଙ୍କୁ ଦେବି । ନଦେଲେ ତ ମୁହିଁ ଦଣ୍ଡ ପାଇବି ।।
ଏମନ୍ତ ମୋର ଚିତ୍ତେ ଚିନ୍ତା କଲି । ସୂର୍ଯ୍ୟଦେବତାଙ୍କୁ ମନେ ସ୍ମରିଲି ।।
ମୁହିଁ ବୋଲି ଦେବତାଙ୍କ ବର । ମୋ ଦୁଆରେ ଆସି ଖରାକର ।।
ଖରା କଲେ ମୁହିଁ ଚାଉଳ ଦେବି । ତୁମ୍ଭଙ୍କୁ ମୋର ଅଙ୍ଗ ସମର୍ପିବି ।।
ମୋହ ମନ ଦିନକର ଜାଣିଲେ । ସେଦିନ ମୋର ଦ୍ୱାରେ ଖରାକଲେ ।।
ଧାନକୁଟି କରି ଚାଉଳ ଦେଲି । ରାଜାଙ୍କଠାରେ ନିର୍ଦ୍ଦୋଷୀ ହୋଇଲି ।।
ଏମନ୍ତ ତହୁଁ ସେହି ରଜନୀରେ । ଦିନକର ନାଥ ବିଜୟ କଲେ ।।
ମୋର ମନରେ ଯେ କପଟ କଲି । ତାହାଙ୍କୁ ମୁହିଁ ଅନ୍ତର ହୋଇଲି ।।
ପୋଇଲୀକି ଯେ ସୁବେଶ କରାଇ । ଆପଣାଖଟେ ଶୁଆଇଲି ନେଇ ।।
ତାହା ଜାଣିଲେ ପ୍ରଭୁ ଦିନକର । କପଟ ଦେଖି ବାହୁଡ଼ିଲେ ଖର ।।
ଏମନ୍ତ ତହୁଁ କିଛିଦିନ ଗଲା । ମୋହର ଶୁଦ୍ଧ ସ୍ନାହାନ ହୋଇଲା ।।

ଶାଗ ଖାଇବାକୁ ବଳିଲା ମନ । ଲେଉଟିଆ ଶାଗ କରି ରନ୍ଧନ ॥
ଏତେମାତ୍ର ଦେବ ମୁହିଁ ଖାଇଲି । ଖାଇବା ମାତ୍ରେ ଗର୍ଭବାସ ହେଲି ॥
ଏତକ ଯହୁଁ ସେ ରାଜା ଶୁଣିଲେ । ରାଣୀ ବ୍ରାହ୍ମଣୀକି ମେଲାଣି ଦେଲେ ॥
ତାହାର ପତି ଦିନକର ନାଥ । ଦଣ୍ଡିବାକୁ କେହି ନୁହେଁ ସମର୍ଥ ॥
ଯାହା ଗର୍ଭେ ଅଛି ଦ୍ୟୁତିବାହନ । ମହାତେଜ ମୂର୍ତ୍ତି ସୂର୍ଯ୍ୟର ବର୍ଣ୍ଣ ॥
ରୂପଦେଖିକରି ଦଣ୍ଡିଲେ ନାହିଁ । ଗ୍ରାମରୁ ଦେଲେ ବାହାର କରାଇ ॥
ବିଧବା ବ୍ରାହ୍ମଣୀ କାତର ହୋଇ । ଶ୍ରୀ ପୁରୁଷୋତ୍ତମ ଦାସ ଭଣଇ ॥

❖

## ଷଷ୍ଠ ଛାନ୍ଦ

ଏଥୁ ଅନନ୍ତରେ ଜନେ ଶୁଣିମା । ବିଧବା ବ୍ରାହ୍ମଣୀ ଗୁଣଗାରିମା ॥
ଗ୍ରାମ ବାହାରେ କଲା ଏକଘର । ଅସତୀ ଦୋଚାରୀ ବୋଲନ୍ତି ନର ॥
ଦଶମାସ ଯହୁଁ ହେଲା ସମ୍ପୂର୍ଣ୍ଣ । ଆଶ୍ୱିନ କୃଷ୍ଣ ଅଷ୍ଟମୀର ଦିନ ॥
ଆଦ୍ରାନକ୍ଷତ୍ର ଯେ ରାଶି ମିଥୁନ । ଉଦୟେ ଜନମ ଦ୍ୟୁତି ବାହନ ॥
ରୂପଗୁଣ କିସ ଉପମା ଦେବା । କାମଦେବ ପ୍ରାୟ ଦିଶଇ ଶୋଭା ॥
ଦିନକୁ ଦିନ ବଢ଼ଇ କୁମର । ଶୁକ୍ଳ ପକ୍ଷରେ ଯେହ୍ନେ ଶଶଧର ॥
ଦିନକୁ ଦିନ ବୟସ ବିଶେଷ । କହୁ କହୁ ହେଲା ପାଞ୍ଚ ବରଷ ॥
ରାଜ ଜେମାଦେଇ ମନ୍ତ୍ରୀ କୁମର । ସାଧବ ପୁଅ କଟୁଆଳ ବାଳ ॥
ପଢ଼ନ୍ତି ସେ ଚାଟଶାଳୀରେ ଯାଇ । ଖଡ଼ି ଧରାଇଲେ ପୁତ୍ରକୁ ତହିଁ ॥
ପଢୁପଢୁ ଗଲା କିଛି ଦିବସ । ନାନାଦି ବିଦ୍ୟାରେ ହେଲା ଅଭ୍ୟାସ ॥
ଏକ ଦିନରେ ବସନ୍ତେ ପଢ଼ି । କୁମାର ହସ୍ତୁ ଖସିଗଲା ଖଡ଼ି ॥
ଦୋସାଧୁ କୁମର ଥାଇ ବୋଇଲା । ଅଣବାବୁଆର ଖଡ଼ି ଗଡ଼ିଲା ॥

ଅସତୀ କୁମର ଜାରଜାତକା । ଏତେ ଗରବରେ ବ୍ରାହ୍ମଣ ଟୋକା ।।
ତାହା ଶୁଣି ଦୁତିବାହନ ରୋଷ । କାନ୍ଦ କାନ୍ଦି ଘରଠାରେ ପ୍ରବେଶ ।।
କିଛି ନକହିଲା ମାତାଙ୍କଠାରେ । ମୁହିଁ ମାଡ଼ି କରି ଶୋଇଲା ଘରେ ।।
ମାତା ଯେ ବୋଇଲେ ଦୁତିବାହନ । କାହିଁକି ରୁଷିଲୁ ରକ୍ଷୁଣୀ ଧନ ।।
ଭାଙ୍ଗିଥିବ ଯେବେ ଗଢ଼ାଇ ଦେବି । ଯାହା ବୋଲିବୁ ତା' ଖୋଜିଆଣିବି ।।
ନୋହିଲେ କାସଙ୍ଗେ କରିଛୁ କଳି । ରାଜାଙ୍କୁ କହି ଅଣାଇବି ଧରି ।।
ଦୁତିବାହନ କରି ମହାକୋପ । ବୋଇଲା ପୁଣି ନାହିଁ ମୋର ବାପ ।।
ତୁ ଯେବେ ଅସତୀ ତୋ ପୁଅ ମୁହିଁ । ଧିକଜୀବନ ଧରିବି କିମ୍ପାଇଁ ।।
ବାହନ ବୋଇଲା କହୁଛୁ ମିଛ । ବାପା କେ ତାକୁ ଦେଖାଅ ପ୍ରତ୍ୟକ୍ଷ ।।
ବ୍ରାହ୍ମଣୀ ବୋଇଲା ପାହୁ ଏ ରାତି । ସକାଳେ ଦେଖିବୁ ଯେ ମୋର ପତି ।।
ଦୁତିବାହନ ଯେ ଶୋଇଲା ଯାଇ । ଶ୍ରୀପୁରୁଷୋତ୍ତମ ଦାସ ଭଣଇ ।।

❖

## ସପ୍ତମ ଛାନ୍ଦ

ଏଥୁ ଅନ୍ତେ କଥା ଶୁଣ ସୁଜନ । ଦୁତିବାହନଙ୍କ ମହିମା ମାନ ।।
ସେଦିନ ନିଶି ପ୍ରଭାତ ହୋଇଲେ । ପୂର୍ବଦିଗେ ସୂର୍ଯ୍ୟଉଦୟ ହେଲେ ।।
ମାତା ବୋଇଲେରେ କୁଳନନ୍ଦନ । ପିତାତୋର ଏହି କର ଦର୍ଶନ ।।
ତାହାଙ୍କ ବଚନେ ଦୁତିବାହନ । ପିତାଙ୍କୁ ଚାହିଁ କରନ୍ତି ପ୍ରଣାମ ।।
ବିଜୟେ ସୂର୍ଯ୍ୟ ଏକଚକ୍ର ରଥ । ପୁତ୍ରକୁ ଦେଖି ବଢ଼ାଇଲେ ହସ୍ତ ।।
ଦିନକର ନାଥ ଅତିସ୍ନେହରେ । ପୁତ୍ରକୁ ନେଇ ବସାଇ କୋଳରେ ।।
ରତନମଣି କଣ୍ଠରେ ବାନ୍ଧିଲେ । ଅମୂଲ୍ୟ କୁଣ୍ଡଳ କର୍ଣ୍ଣେ ଖଞ୍ଜିଲେ ।।
ଚୁମ୍ବନ ଦେଇଣ ଅତି ସ୍ନେହରେ । କଙ୍କଣ ବଳୟଭରି ଭୁଜରେ ।।

ପୁତ୍ରକୁ କୋଳେଧରି ମହାସୁଖ । କୋଇଲେ କିମ୍ପାଇଁ ତୋ ମନଦୁଃଖ ।।
ପିତା ବାଣୀ ଶୁଣି ଦୁତିବାହନ । ବୋଇଲେ ମୁଁ ଯେବେ ତୁମ୍ଭ ନନ୍ଦନ ।।
ଏତେ ଲୋକଙ୍କୁ ଯେ କରିଛି ପତି । ସେ କିମ୍ପା ସଂସାରେ ହେଲା ଅସତୀ ।।
ସସ୍ନେହ ବଚନେ ଦେବ ତପନ । କହିଲେ ମୋଧନ ଦୁତିବାହନ ।।
ଆନନ୍ଦ ହୋଇଣ ଏବେ ଯା । ତୋ ମାତା ସଂସାରେ ପାଇବ ପୂଜା ।।
ସାଧବୀ ଭାଜନ ହୋଇବ ନାରୀ । ସକଳ ପୂଜିବେ ପାଦ ତୋହରି ।।
ବାନ୍ଝୀ ମଡ଼ିଛି ଯେଉଁ ନାରୀ ହେବେ । ତୋତେ ସେବା କରି ବର ପାଇବେ ।।
ଜଗତେ ବିସ୍ତାର ହୋଇବ କୀର୍ତ୍ତି । ତୋ ମାତା ହୋଇବ ପରମ ସତୀ ।।
ଏବେ ତୁ ଯାଅ ଯା ମୋହର ସୁତ । ଏ ପୁଣ୍ୟ ଓଷା ଜଗତେ ବିଖ୍ୟାତ ।।
ଜଗତ ଜନ ଜାଣିବେ ଯେମନ୍ତ । ଆମ୍ଭେ ଅଳଙ୍କାର ଦେବା ତେମନ୍ତ ।।
ଆଶ୍ୱିନମାସ କୃଷ୍ଣ ଅଷ୍ଟମୀରେ । ଦୁତୀୟା ଓଷାକୁ କରିବେ ନରେ ।।
ତାହା ଶୁଣି ସୁତ ମର୍ତ୍ତ୍ୟେ ପ୍ରବେଶ । ଗୀତେ ଭଣିଲେ ପୁରୁଷୋତ୍ତମ ଦାସ ।।

❖

## ଅଷ୍ଟମ ଛାନ୍ଦ

ଏଥୁ ଅନନ୍ତରେ ଶୁଣହେ ନର । ମାତାଙ୍କ ଆଗେ ଭେଟିଗଲେ କୁମର ।।
ଦେହ ଅଳଙ୍କାର ଭୂଷଣ ଦେଖି । ଜନନୀ ମନରେ ବହୁତ ଖୁସୀ ।।
ଯେତେ ବଚନ ପିତାଥିଲେ ଭାଷି । ଜନନୀଙ୍କ ଆଗେ କହିଲେ ଆସି ।।
କହୁ କହୁ ଦିନ ଦୁଇ ପ୍ରହର । ମଥା ଉପରେ ହେଲେ ଦିନକର ।।
ଚିତ୍ରମେଘୀ ପାଟ ସୁବର୍ଣ୍ଣ ବାହି । ପଦକ ନୂପୁର ମେଖଳା ତହିଁ ।।
ବସଣୀ ତାଡ଼ ଯେ ଚାପସରି । ନାନା ଅଳଙ୍କାର ବସନେ ଭରି ।।
ସର୍ବ ନରନାରୀ ଅଛନ୍ତି ଚାହିଁ । ବ୍ରାହ୍ମଣୀ ଉପରେ ଦେଲେ ପକାଇ ।।

ସୂର୍ଯ୍ୟମଣ୍ଡଳ ବୋଲି ରାଜ୍ୟ ଯେତେ । ସବୁରି ଆନନ୍ଦ ପ୍ରସନ୍ନ ଚିତ୍ତେ ॥
ଧର୍ମଙ୍କ ପତ୍ନୀ ସେ ଧର୍ମ କୁମର । ଦର୍ଶନ ପାଇଁକି ଧାଇଁଲେ ନର ॥
ବାଳକ ବୃଦ୍ଧ ସହିତ ଧାମନ୍ତି । ମାନ୍ୟଜନ କଥା କେ ନମାନନ୍ତି ॥
ଧର୍ମ କହିଥିଲେ ଯେତେ ଚରିତ୍ର । ଦୁତୀୟାଓଷା ଯେ ଉତ୍ତମ ବ୍ରତ ॥
ଯେତେ ଅଳଙ୍କାର ସେ ଦେଇଥିଲେ । ମାତା ଅଙ୍ଗରେ ତା' ଭୂଷଣ କଲେ ॥
ଦେବସ୍ତିରୀ ଆଦି ସକଳ ଜନ । ଦୁତୀୟା ଓଷାକୁ କଲେ ବନ୍ଦନା ॥
ଯେ ବା କାଷା କରି ଏ ଓଷା କଲେ । ଧନବତୀ ପୁତ୍ରବତୀ ହୋଇଲେ ॥
ସେହି ଦିନରୁ ସେ ହେଲା ବିଖ୍ୟାତ । ଦୁତିବାହନ ଏ ଓଷା ପବିତ୍ର ॥
ଅଷ୍ଟମ ଛାନ୍ଦ କଥା ହେଲା ଶେଷ । ଗୀତେ କହିଲେ ପୁରୁଷୋତ୍ତମ ଦାସ ॥

❖

## ନବମ ଛାନ୍ଦ

ଏଥିଅନ୍ତରେ ଶୁଣ ଏବେ ଆନ । ଦୁତୀୟା ଓଷାର ମହିମା ମାନ ॥
ଚିଲଶିଆଳ ଗଛ ପରେ ଥିଲେ । ଦୁତୀୟା ଓଷା ପୂଜିବାର ବେଳେ ॥
କି ଓଷା କରନ୍ତି ସର୍ବ ତରୁଣୀ । ଦୁହେଁ କୁହାକୁହି ହୋଇଲେ ପୁଣି ॥
କାହାର ବ୍ରତ ଏ କାହାର ପୂଜା । ଅତି କାଷ୍ଟ ଏହି ବ୍ରତଙ୍କ ରାଜା ॥
ଏମନ୍ତ କାଷ୍ଟ ଆନରେ ନ ଦେଖି । ଦୁଇ ଭଉଣୀଲୋ କରିବା ଦେଖି ॥
ଏମନ୍ତକରି ସେ ବିଚାର କଲେ । ଓଷେଇତିଏ ଯାହା ପୂଜିଥିଲେ ॥
ତାହାଙ୍କ ଛଡ଼ାଛଡ଼ି ତୋପା ଯେତେ । ଛଡ଼ା ମଲ୍ଲକୁଟି ସ୍ନାନ ନିମନ୍ତେ ॥
ସେ ମାନ ଘେନି ବ୍ରତ ଆଚରିଲେ । ଡାଳ ଉପରେ ବସି କଥା ଶୁଣିଲେ ॥
ପୂଜି ସାରି ଗଲେ ଯେ ଯାହା ପୁର । ଏ ଦୁହେଁ ରହିଲେ ବୃକ୍ଷ ଉପରେ ॥
ଏଥି ଉତ୍ତାରୁ ଯେ ଯେମନ୍ତ କଲେ । ଚିଲ ଶିଆଳ କଥା ଶୁଣ ଭଲେ ॥

ଟିଲଟି ରହିଲା ଗଛ ଉପରେ । ଶିଆଳ ପଶିଲା କ୍ରୋଟ ଭିତରେ ॥
ଟିଲଟି ମହାକାଷ୍ଠା ବୁଦ୍ଧି କଲା । ଶିଆଳ ଗୋଟି କ୍ରୋଟରେ ପଶିଲା ॥
ଦଇବେ ରଜନୀ ହେଲା ଅପାର । ଗ୍ରାମ ବାହାରେ ମହାସେଠ ଘର ॥
ସକାଳ ଓଷା ପୂଜିବାର ବେଳେ । ସେ ଯେ ନିନ୍ଦାକଲା ଭାବି ବିହ୍ୱଳେ ॥
ବୋଇଲା ଭାତ ଖାଇ ମତ୍ତ ହୋଇ । ମିଛେମାଁତନ୍ତି ଢୁଳାଢୁଳି ଦେଇ ॥
ଏମନ୍ତ କରି ଯହୁଁ ନିନ୍ଦା କଲା । ଅଦଭୁତେ ତାର ପୁତ୍ର ହିଁ ମଲା ॥
ତାହାକୁ ଗାଡିଲେ ଯେ ଶ୍ମଶାନରେ । ଟଙ୍କାଇକରି ଅଇଲେ ସତ୍ୱରେ ॥
ଶ୍ୱାନ ଶୃଗାଳ ଥୋକାଏ ଖାଇଲେ । ଅସ୍ଥି ମାଂସ ହୋଇ ଥୋକାଏ ଥିଲେ ॥
ଶିଆଳ ଖଣ୍ଡିଏ ଲୁଚାଇ ଆଣି । କୋରଡ଼ ଭିତରେ ରଖିଲା ପୁଣି ॥
ଶିଆଳ ମନରେ ହୋଇବି ସୁଖ । କାଷ୍ଠାରେ ସହି ନପାରିଲା ଭୋକ ॥
ଟିଲ ସଙ୍ଗତରେ ତାଳେ ନବସି । କୋରଡ଼ ଭିତରେ ପଶିଲା ଆସି ॥
କୋରଡ଼ ଭିତରେ ରହିଛି ଯାହା । ମୁଡୁମୁଡୁକରି ଚୋବାଏ ତାହା ॥
ଟିଲ ଡାକ ଦେଲା ଆଲୋ ଭଉଣୀ । ମୁଡୁମୁଡୁ କରି ଖାଉ ପୁଣି ॥
ଶିଆଳ ବୋଇଲା ନାହିଁ ତ କିଛି । କ'ଣ ଖାଇବି ଓଷା କରିଛି ॥
କାଷ୍ଠାରେ ଯାହା ମୁଁ ସ୍ନାନ କଲିଟି । ଶୀତେ ମୁଡୁମୁଡ ବାଜୁଛି ପାଟି ॥
ତେଣୁ ମୁଁ ତାଳେ ବସିନପାରଇ । ଶୀତକଲାରୁ କୋରଡ଼େ ପଶଇ ॥
କୋରଡ଼େ ପଶି ମାଉଁସ ଖାଇଲା । ଟିଲଟି ତାଳେ କାଷ୍ଠାରେ ରହିଲା ॥
ଏମନ୍ତ ତହିଁ ପାହିଲାକ ରାତି । ଥୋକାଏ ଦିନ ତହିଁ ଥିଲେ ବର୍ତ୍ତି ॥
ଟିଲ ଶିଆଳ ପାଇଲେ କଷଣ । ଥୋକାଏ ଦିନେ ଲଭିଲେ ମରଣ ॥
ନବମଛାନ୍ଦ କଥା ହେଲା ଶେଷ । ଭାବେ ଭଣିଲେ ପୁରୁଷୋତ୍ତମ ଦାସ ॥

❖

## ଦଶମ ଛାନ୍ଦ

ଏଥୁ ଅନନ୍ତରେ ଶୁଣ ସୁଜନ । ଚିଲ ଶିଆଳଙ୍କ ଚରିତ ମାନ ॥
ଦ୍ୱିତିବାହନ କାଷ୍ଠା ଓଷା ଫଳେ । ଦୁହେଁ ଜନମିଲେ ଉତ୍ତମ କୁଳେ ॥
ସୁନ୍ଦରୀ ସୁକୁମାରୀ ସୁଲକ୍ଷଣୀ । ଜନମ ହୋଇଲେ ଦୁଇ ଭଉଣୀ ॥
ଶିଆଳ ଗୋଟି ଜ୍ୟେଷ୍ଠ ଆସିହେଲା । ଶାଳାବତୀ ତା'ର ନାମ ହୋଇଲା ॥
ଚିଲ ଯେ ହୋଇଲା ସାନଭଉଣୀ । କୁଳବତୀ ହେଲା ନାମ ତା' ପୁଣି ॥
ସୁକୁମାରୀ ହୋଇ ପିତାର ଘରେ । ଆନନ୍ଦହୋଇ ଯେ ବଢ଼ିଲେ ଭଲେ ॥
ଏମନ୍ତ ଥୋକାଏ ଦିନଅନ୍ତର । ସାଧବ ମନ୍ତ୍ରୀ ଦୁହେଁହେଲେ ବର ॥
ଶାଳାବତୀ ଅଟେ ବଡ଼ଭଉଣୀ । ମନ୍ତ୍ରୀ ବିଭାହେଲେ ତାହାକୁ ପୁଣି ॥
ଚିଲ ଯେ କୁଳବତୀ ହୋଇଥିଲା । ସାଧବନାରୀ ସାଧବାଣୀ ହେଲା ॥
ପୂର୍ବକୃତ ଓଷା ପୁଣ୍ୟର ବଳେ । ଭୋଗଭୁଞ୍ଜିଲେ କରମ ସୁଫଳେ ॥
ଶିଆଳ ଯେ ବ୍ରତ ଖଣ୍ଡନ କଲା । ମଡ଼ିଛି ହୋଇ ସଂସାର ରହିଲା ॥
ଚିଲ କାଷ୍ଠାରେ ବ୍ରତ ଆଚରିଲା । ଅନେକ ପୁତ୍ର ତହିଁ ଜାତ କଲା ॥
ଏତେ ମହିମାରେ ଦ୍ୱିତୀୟା ଓଷା । କଲା ଲୋକଙ୍କର ସୁଫଳ ଦଶା ॥
ସେହି ଧର୍ମ ନିରଞ୍ଜନ ପୟର । ସୁର ଅସୁର ସେବେ ନିରନ୍ତର ॥
ତେଣୁ ସେ ଧର୍ମ ଶ୍ରୀଚରଣେ ଆଶ । ପ୍ରସ୍ତାବେ କହେ ପୁରୁଷୋତ୍ତମ ଦାସ ॥

❖

## ଏକାଦଶ ଛାନ୍ଦ

ଏଥୁ ଅନନ୍ତରେ ଯେ ଦିବ୍ୟବାଣୀ । ଏମନ୍ତ କଲେ ଯେ ଦୁଇଭଉଣୀ ॥
ମନ୍ତ୍ରୀ ଭାରିଯାର ଯେତେକ ହେଲେ । ଜନମ ହୋଇ ସବୁ ତା'ର ମଲେ ॥
ନାନାବିଧିରେ ନବଞ୍ଚିଲେ କିଛି । ଶାଳାବତୀ ହେଲା ମହା ମଡ଼ିଛି ॥

ଚିଲଟି ତହିଁ ମହାକାଷ୍ଠା କଲା । ଧନବତୀ ପୁତ୍ରବତୀ ହୋଇଲା ॥
ଜନମହେଲେ ଏକୋଇଶ ପୁତ୍ରେ । ମହାସୁନ୍ଦର ସେ ଅଟନ୍ତି ସୁତେ ॥
ତେଣେ ରହିଥାଇ ପୂର୍ବର ଜ୍ଞାନ । କାଷ୍ଠା କରିଥାଇ ଦ୍ୱିତିବାହନ ॥
ପୁତ୍ର ଗୃହସ୍ଥ ପରିଜନ ମେଳେ । ନିରୋଗୀ ଆନନ୍ଦ ହୋଇ ସକଳେ ॥
ଅନେକ ପୋଇଲି ଅନେକ ଧନ । କୁଳବତୀ ସୁଖେ କଟାଏ ଦିନ ॥
ଶୀଳାବତୀ ହେଲା ମନ୍ତ୍ରୀ କାମିନୀ । ଏଡ଼େ ଅଭାଗୀ ପୂର୍ବ କର୍ମ ଘେନି ॥
ଅନେକ କୁମର ଜାତ ହୁଅନ୍ତି । ମଡ଼ିହି ଦୋଷେ ସମସ୍ତେ ମରନ୍ତି ॥
ନିରତେ ନୟନୁ ଲୁହ ଗଡ଼ଇ । ବେଶ ବସନ କିଛି ନ ରୁଚଇ ॥
ସାନଭଉଣୀ ପୁତ୍ରମାନ ଦେଖି । ମନେ ହେଉଥାଇ ମହାଅଦୁଃଖୀ ॥
ମୋହ ସାନ ହୋଇ ଏମନ୍ତ ହେଲା । ଅପୂର୍ବ ପୁତ୍ରମାନ ଜାତ ହେଲା ॥
ଏ ମୋ ସଙ୍ଗତେ ମଡ଼ିହି ନୋହିଲା । ବହୁ ସୁଖେ ଘରଦୁଆର କଲା ॥
ଏତିକି ସହଇ ଦେହ ମୋହର । ସାନଭଉଣୀର ଏତେ କୁମର ॥
ଏମନ୍ତ ବିଚାରି ମନ୍ତ୍ରୀର ନାରୀ । ପୁତୁରାଙ୍କୁ ଦେଖି ହୁଏ ବିକାରି ॥
ପୂର୍ବରେ ଯାହାର ଅର୍ଜିତ ନାହିଁ । ଏଜନ୍ମେ ଲୋଡ଼ିଲେ ପାଇବ ନାହିଁ ॥
ଛନ୍ଦମନ୍ଦ ଯେ ସାଧବାଣୀଠାରେ । କିଛି ନଥାଏ ଯେ ଆପଣା ଘରେ ॥
ପୁତ୍ରମାନଙ୍କୁ କହଇ ମଧୁର । ନିତି ଯାଉଥିବ ମାଉସୀ ଘର ॥
ଜ୍ୟେଷ୍ଠମାଉସୀ ମାତାଠାରୁ ବଳେ । ତୁମ୍ଭଙ୍କୁ ଧରୁଥିବ ସେହୁ କୋଳେ ॥
ଦେଖିଲେ ଆନନ୍ଦିତ ହେଉଥିବ । ମନଦୁଃଖ ତା'ର ପାସୋରିଯିବ ॥
ଏହା ବିଚାରି ସୁତଙ୍କୁ ପେଶଇ । ମନ୍ତ୍ରୀ ଭାରିଯା ତାହା ନ ଜାଣଇ ॥
ବୋଲଇ ଦେଖଣା ଚାହାଁଣୀପାଇ । ପୁଅଙ୍କୁ ଦେଉଥାଏ ପଠିଆଇ ॥
ଏମନ୍ତ ସହୁନାହିଁ ମୋର ଦେହ । ପୋଡ଼ିଯାଉ କିନା ଏହାଙ୍କ ଦେହ ॥

ମୋହ ସଙ୍ଗତରେ ମଡ଼ିଛି ହେଉ । ଦେଖଣାଚାହାଣା ମୋହରେ ନୋହୁ ॥
କପଟ କରି ତା' ପୁଅକୁ ମାରି । ଦେଖାଇବିନେଇ ପାଶେ ତାହାରି ॥
ଏତେ ପାଞ୍ଚକରି ସେହି ରାଡ଼ିଣୀ । ଦାସୀକି ବୋଲଇ ବିଶ୍ୱାସ ବାଣୀ ॥
ଆଲୋ ଦାସୀମାନେ ଏମନ୍ତକର । ଭଉଣୀ ପୁଅ ଅସହଣି ମୋର ॥
ତାହାଙ୍କୁ ମାରିବା ବିଶ୍ୱାସକରି । କେହି ନଜାଣିବେ କପଟେ ଧରି ॥
ସାଆନ୍ତାଣୀ ଯାହା ଆଜ୍ଞା କଲେ । ଭାଙ୍ଗି ପାରନ୍ତିକି ପୋଇଲୀ ଭଲେ ॥
ବୋଇଲେ ତୁମ୍ଭ ଆଜ୍ଞା ପରମାଣ । କରିବୁ ଆମ୍ଭେ ତାହାଙ୍କ ମରଣ ॥
ଦାସୀଙ୍କ ବାଣୀ ଶୁଣି ମନ୍ତ୍ରୀନାରୀ । ମାରିବା ପାଇଁ ହୋଇଲେ ତିଆରି ॥
ଶ୍ରୀ ପୁରୁଷୋତ୍ତମ ଭାବଇ ମନ । ମାଇଲେ ରଖିବେ ଦୁତିବାହନ ॥

❖

## ଦ୍ୱାଦଶ ଛାନ୍ଦ

ଏଥୁ ଉତ୍ତାରେ ଯେ ପୁତୁରାମାନେ । ମାଉସୀ ପାଶେ ମିଳିଲେ ବହନେ ॥
ତାହାଙ୍କୁ ଦେଖିକରି ମନେଭାଳି । ସୁପତକରି ତହୁଁ ଦେଲା ଚାଳି ॥
ବୋଲଇ ବାବୁରେ ଏଣିକି ଆସ । ଭୁଞ୍ଜିବାକୁ ଦେବି ଦିବ୍ୟ ପଣସ ॥
ବାଳକେ ସିନା ତା' ସତ ମଣିଲେ । ଯେଣିକି ଡାକିଲା ତେଣିକି ଗଲେ ॥
ସବୁଙ୍କୁ ମାରି କଲା ଖଣ୍ଡ ଖଣ୍ଡ । ସ୍ୱରୂପ ନୁହଇ ମାୟାର ପିଣ୍ଡ ॥
ତାହାକୁ ନେଇ ହାଣିବାର ବେଳେ । ଦୁତିବାହନ ଜାଣି ଯୋଗବଳେ ॥
ମାୟାରେ ନେଲେ ଅନ୍ତର୍ଦ୍ଧାନ କରି । ମାୟା କୁମରଙ୍କୁ ମାଉସୀ ମାରି ॥
ଦାସୀଙ୍କି ବୋଇଲା ସବୁରି ମୁଣ୍ଡ । ଟାଙ୍କୁଡ଼ି ଗୋଟିକେ କରଲୋରୁଣ୍ଡ ॥
ଏତେକେ ତା'ର ସବୁ ପୁତ୍ରମଲା । ମୋହ ପରା ହୋଇ ମଡ଼ିଛି ହେଲା ॥
ଟାଙ୍କୁଡ଼ି ଗୋଟିକେ ପୁରାଇନିଅ । ମାତାଙ୍କୁ ଯାଇ ମୁଣ୍ଡଯାକ ଦିଅ ॥
ଦାସୀମାନେ ଶୁଣି ଏମନ୍ତ କଲେ । ଟାଙ୍କୁଡ଼ିରେ ମୁଣ୍ଡ ପୁରାଇନେଲେ ॥

ଉପରେ ଝୀନବସନ ଘୋଡ଼ାଇ । ସାଧବାଣୀ ଦ୍ଵାରେ ମିଳିଲେ ଯାଇ ॥
ଖଟ ଦୋଳିପରେ ବସିଛି ସୁଖେ । ଧାଇ ପରିବାରୀ ଅଛନ୍ତି ପାଖେ ॥
ଏ ସମୟେ ମୁଣ୍ଡ ଟାଙ୍କୁଡ଼ିଧରି । ସାଧବାଣୀ ପାଶେ ନେଇଣ କରି ॥
ପୋଇଲୀ ବୋଲେ ଶୁଣ ସାଧବାଣୀ । ନେଇରଖ ଯାହା ଅଛି ମୁଁ ଆଣି ॥
ତୁମ୍ଭ ଭଉଣୀ ଶାଳାବତୀ ଭଲେ । ପୁତୁରାଙ୍କ ପାଇଁ ଯୋଗାଡ଼ ଦେଲେ ॥
ଆପଣ ଆଗ ନୟନରେ ଦେଖ । ପୁଅଙ୍କ ପାଇଁକି ସାଇତି ରଖ ॥
ସାଧବାଣୀ ବୋଲେ ଭଉଣୀ ମୋର । ଭଲ ଅଛନ୍ତି ତ କହ ନିକର ॥
ମୁଁ ପୁଣି ତାଙ୍କୁ କେଉଁ ଗୁଣେ ସରି । ଦେଇଅଛନ୍ତି ଏତେ ସାମଗିରୀ ॥
ଦେଖଇସିନା ଥୋଇଯାଅ ଘରେ । ବଡ଼ଘର ଭାଡ଼ିପଟା ଉପରେ ॥
ସାଧବାଣୀଠାରୁ ବଚନ ଶୁଣି । ଭାଡ଼ିପଟା ପରେ ଥୋଇଲା ଆଣି ॥
ମନ୍ତ୍ରୀଙ୍କ ଘରେ ହୋଇଲା ପ୍ରବେଶ । ଏଥୁଁ ଉଭାନ୍ତୁ ଶୁଣ ଆନ ରସ ॥
ସାଧବାଣୀ ପୋଏ ଯେତେକ ଥିଲେ । ଗୋଟିଏ ଗୋଟିଏ ଘରେ ଅଇଲେ ॥
ଦ୍ୟୁତିବାହନ ରଖିବେ ଯାହାଙ୍କୁ । ମାଉସୀ ମାରଇ କାହିଁ ତାହାଙ୍କୁ ॥
କୋଳେ କେ କାଖେ କେ ବସିଲେ ଯାଇ । ମାତାଙ୍କୁ ମାଗିଲେ ଖାଇବା ପାଇଁ ॥
ମାତା ବୋଇଲେ ଶୁଣରେ କୁମର । କି ଦେଇ ଅଛନ୍ତି ମାଉସୀ ଘର ॥
ଦ୍ୟୁତିବାହନଙ୍କୁ ନାଗି କରାଅ । ସବୁ ପଦାର୍ଥ ବାଣ୍ଟିକରି ଖାଅ ॥
ଯେତେକ ମୁଣ୍ଡ ଟାଙ୍କୁଡ଼ିରେ ଥିଲା । ସେତକ ସବୁ ନଡ଼ିଆ ହୋଇଲା ॥
ନଡ଼ିଆଯାକ ଭାଙ୍ଗିଣ ଖାଇଲେ । ସ୍ଵପନ ପ୍ରାୟେ ତାହା ପାଶୋରିଲେ ॥
ବଞ୍ଚିଲେଟି ପୋଏ ଏଡ଼େ ମରଣ । ଦ୍ଵିତୀୟାଓଷାର ଏଡ଼େ କାରଣ ॥
ଏ ଓଷା କରିବେ ଯେତେ ତରୁଣୀ । ନଡ଼ିଆ ଛୁଇଁବେ ଏକଥା ଶୁଣି ॥
ଦ୍ଵାଦଶ ଛାନ୍ଦ କଥା ହେଲା ଶେଷ । ଭଃଦେ ଭଣିଲେ ପୁରୁଷୋତ୍ତମ ଦାସ ॥

❖

## ତ୍ରୟୋଦଶ ଛାନ୍ଦ

ଏଥୁ ଉତାରୁ ମନ ଦେଇ ଶୁଣ । ଦୁତିବାହନର ଚରିତ ପୁଣ ॥
ପୁଣି ଯାହାକଲେ ଦୁଇ ଭଉଣୀ । ବଡ଼ ଉଷତ ହୁଏ ସାଧବାଣୀ ॥
ବୋଇଲା ମୋ ପୁଅ ମାଉସୀ ମାନେ । ଏବେ ଜାଣିଥାନ୍ତି ଅନୁକ୍ଷଣେ ॥
ପୁଅଙ୍କୁ ବୋଇଲା ନଡ଼ିଆ ଖାଇ । ବଡ଼ ମାଉସୀକି କୁହାର ପାଇଁ ॥
ତାଙ୍କ କଲ୍ୟାଣକୁ ତୁମ୍ଭେ ଭାଜନ । ଜଗିରଖିଥିବେ ଦୁତିବାହନ ॥
କାହିଁକି ଧାଇଁ ଆସୁଥାଅ ପୁରେ । ଖେଳୁଥିବ ସେହି ମାଉସୀ ଘରେ ॥
ନିରୋଗୀ ହୋଇଣ ସବୁ କୁମର । ହାତେ ସୁନା ଖଡୁ ପାଦେ ନୁପୁର ॥
ଚଉକି ନୋଳି ବୀରମଲ୍ଲୀମାନ । ଭିନ୍ନେ ଭିନ୍ନେ କମ ପୁଅଙ୍କକାନ ॥
ପ୍ରବାଳ କଣ୍ଠିରତ୍ନ ମାଳିମାନ । ଯେଉଁ ପୁଅକୁ ଯେମନ୍ତ ଶୋଭନ ॥
କା ମୁଣ୍ଡେ ବେଣୀ କାହାମୁଣ୍ଡେ ଜୁଡ଼ା । କେଉଁ ପୁଅ ଗୋଟି ବାଳ ଝାମ୍ପୁଡ଼ା ॥
ପାଟପୀତାମ୍ବର ପତନୀକାଛା । ପିନ୍ଧିଥାନ୍ତି ଜଘେ ଥୋକାଏ ବସ୍ତ୍ରା ॥
ତେଲ ହଳଦୀ କେବା ଯର ଯର । କେବଣ ପୁଅଟି ଧୂଳି ଧୂସର ॥
କେ ଅବା ଚାଲି ନ ଜାଣଇ ଦାଣ୍ଡ । କେଉଁ ପୁଅଗୋଟି ଦରୋଟି ତୁଣ୍ଡ ॥
ଭାତ ବତର କେ ଦୁଧ ବତର । ଧାଇଁଲେ ସମସ୍ତେ ମାଉସୀ ଘର ॥
ବିଚାରୁଛି ମନେ ସେ ଶୀଳାବତୀ । ଆଣ୍ଠୁକୁଡ଼ି ହେଲି ମୁଁ ମୂଢ଼ମତି ॥
ସାଧବାଣୀ ପୋଏ ଏକାଳେ ଗଲେ । ମାଉସୀ କି ଯାଇ ପ୍ରଣାମ କଲେ ॥
ଚକିତ ହୋଇ କରଇ କଲ୍ୟାଣ । ବିଚାରି ହୋଇଲା ପାଅ ମରଣ ॥
ଆସ ମୋ ବାବୁ ଭଲ ହୋଇ ଥାଅ । ଯହ୍ନିଫୁଲ ପରି ଆୟୁଷ ପାଅ ॥
ସେ ଯେହ୍ନେ ସଞ୍ଜେ ଫୁଟି ବିକଶଇ । ସୂର୍ଯ୍ୟ ଉଦୟକୁ ବିନାଶ ପାଇ ॥
ଏମନ୍ତ ବୋଲି ସେ କଲ୍ୟାଣ କଲା । ମୁଣ୍ଡତ କାଟିଲି କାହୁଁ ଅଇଲା ॥

ସେ ଥର ବର୍ତ୍ତି କେମନ୍ତ ଜୀଇଁଲେ । ଏଥରକୁ ନାଶ କରିବି ଭଲେ ।।
କପଟେ ବୋଇଲା ଆସରେ ବାବୁ । ତୁମ୍ଭ ଖାଇବାକୁ ରଖିଛି ସବୁ ।।
ଯେଉଁଠାବରେ ନଜାଣିବେ କେହି । ବାଳୁତ ପୁଅକୁ ନେଲା ଭଣ୍ଡାଇ ।।
ସମସ୍ତ ମାରି ଚାରିପାଳ କରି । ହାତ କାଟିଲା ଆଖି ଗଛପରି ।।
ପାପୁଲି ଅଙ୍ଗୁଳି କାଟିଲା ଭିନ୍ନେ । ଅଦାପଡ଼ାମାନ ଦିଶେ ଯେସନେ ।।
ପୁଅଙ୍କୁ କପଟେ ମାରିବା ବେଳେ । ଦୁତିବାହନ ଜାଣି ମୋରବଳେ ।।
ଟାଁଆବାଳକ ତାକୁ ଆଣିଦେଲେ । ସାଧବପୁଅଙ୍କୁ ଶୂନ୍ୟରେ ନେଲେ ।।
ଟାଙ୍ଗୁଡ଼ୀ ଗୋଟିକେ ତାହା ପୁରାଇ । ଦାସୀକି ବୋଇଲା ଦିଅଲୋ ନେଇ ।।
ଦେଖିବଟି ସେହି ପୁଅଙ୍କ ହାତ । ବାହୁନଇ କାନ୍ଦି ହୋଇ ଅନାଥ ।।
ତକ୍ଷଣେ ଦାସୀ ଟାଙ୍ଗୁଡ଼ିରେ ଘେନି । ସାଧବାଣୀପୁରେ ହେଲେ କାମିନୀ ।।
ସେ ଖଟଦୋଳି ବାଙ୍କିଆ ଉପରେ । ସାଧବାଣୀ ବସିଅଛି ନିର୍ଭରେ ।।
ଦାସୀ ପରିବାରୀ ଅଛନ୍ତି ବେଢ଼ି । ସମସ୍ତଙ୍କୁ ଲେଖି ଦେଉଛି ପଢ଼ି ।।
ଏମନ୍ତ ସମୟେ ଟାଙ୍ଗୁଡ଼ି ଧରି । ପୋଇଲୀ ଯାଇ ହୋଇଲା ଉଭାରି ।।
ବୋଇଲା ଆଗୋ ଆସ ସାଧବାଣୀ । ଦ୍ରବ୍ୟ ଦେଇଛନ୍ତି ତୁମ୍ଭ ଭଉଣୀ ।।
ତୁମ୍ଭଠାରେ ତାଙ୍କ ବହୁତ ସୁଖ । ଦେଖିକରି ଏହା ସାଇତି ରଖ ।।
ସାଧବାଣୀ ବୋଲେ ମୋ ବୋଲକର । ଭାଙ୍ଗିଯାଉ ଆମ୍ଭ [illegible] ।।
କେତେବେଳ ଯାଏ ଥିବଟି ରହି । ବଡ଼ଘରେ ଦେଇଥାଅ ଗୋ ଥୋଇ ।।
ସାଧବାଣୀ ବୋଲେ ଟାଙ୍ଗୁଡ଼ି ଗୋଟ । ଥୋଇଣ ପୋଇଲୀ ଗଲା ଲେଉଟି ।।
ସାଧବାଣୀ ପୋଏ କେତେ ବେଳରେ । ଗୋଟି ଗୋଟି ହୋଇ ମିଳିଲେ ଘରେ ।।
ଖାଇବା ପାଇଁ କି ମାଗିଲେ ଯାଇଁ । ସାଧବାଣୀ ବୋଲେ ପୁଅଙ୍କୁ ଚାହିଁ ।।
କି ଦେଇଅଛନ୍ତି ମାଉସୀ ଘର । ଦେଖିକରି ଖାଅ ସବୁ କୁମର ।।

ଦ୍ୱିତିବାହନଙ୍କୁ ଲାଗି କରାଅ । ସବୁ ଲାଇ ଯାଇ ବାଣ୍ଟିଣ ଖାଅ ।।
ଶୁଣି ପୁଅମାନେ ଧାଇଁଲେ ଘରେ । ଚାଙ୍ଗୁଡ଼ି କାଢ଼ିଣ ଦେଖିଲେ ତଳେ ।।
ହାତ ଖଣ୍ଡ ଖଣ୍ଡ କାଟିଛି ଯାହା । ଆମ୍ବ ଖଣ୍ଡ ଖଣ୍ଡ ହୋଇଛି ତାହା ।।
ଆଙ୍ଗୁଳି ପାପୁଲି କାଟିଛି ଯେତେ । ଅଦାଫଡ଼ାମାନ ହୋଇଛି ତେତେ ।।
ଆମ୍ବୁଗଣ୍ଡିରା ଅଦା ଫଡ଼ାମାନ । ଆନନ୍ଦେ ଖାଇଲେ ସବୁ ନନ୍ଦନ ।।
ଦ୍ୱିତୀୟା ଓଷାର ମହିମା ଏତେ । ଓଷାଇତିମାନେ ଶୁଣ ସ୍ତୁତିରେ ।।
ଓଷାଇତିମାନେ ଏକଥା ଶୁଣି । ଆମ୍ବ ଅଦାରେ ହାତଦିଅ ପୁଣି ।।
ତ୍ରୟୋଦଶ ଛାନ୍ଦ ହୋଇଲା ଶେଷ । ଗୀତେ ଭଣିଲେ ପୁରୁଷୋତ୍ତମ ଦାସ ।।

❖

## ଚତୁର୍ଦ୍ଦଶ ଛାନ୍ଦ

ଏଥିଅନ୍ତରେ ଶୁଣ ଏକମନ । ଦ୍ୱିତିବାହନଙ୍କ ମହିମାମାନ ।।
ଯାହାକଲେ ଏହି ଦୁଇ ଭଉଣୀ । ଏକମନେ ଶୁଣ ସର୍ବ ତରୁଣୀ ।।
ଆମ୍ବ ଅଦାକୁ ପେଟେ ପେଟେ ଖାଇ । ମାତାଙ୍କ ପାଖରେ ବସିଲେ ଯାଇ ।।
ଅତି ଆନନ୍ଦ ସାଧବାଣୀ ମନ । ପୁଅଙ୍କ ମୁଖରେ ଦେଲା ଚୁମ୍ବନ ।।
ମାତାଙ୍କୁ ବୋଇଲେ ସବୁ କୁମର । ଭଲା ଆମ୍ଭେ ଯିବୁ ମାଉସୀ ଘର ।।
ମାତା ଯେ ବୋଇଲେ ଶୁଣରେ ବାବୁ । ମାଉସୀର ଦୟା ଅଟଇ ସବୁ ।।
ଏବେ ଯାଅ ଦେଖ ମାଉସୀ ଘର । ବସିଥିବ ଯାଇ ସବୁ କୁମର ।।
ମାତାର ବଚନେ ସବୁ କୁମର । ଚଞ୍ଚଳେ ମିଳିଲେ ମାଉସୀ ଘରେ ।।
ମାଉସୀ କେତେ ମଣୁଥିଲା ସୁଖ । ଦେଖିକରି ମନେ ପାଇଲା ଦୁଃଖ ।।
ବୋଇଲା କମରି ଜୀଇଁଲେ ଏହୁ । କେଉଁ ଦେବତା ଲାଗିଥିଲା କାହୁଁ ।।
ପୁତୁରାମାନେ ହୁଅନ୍ତି ଓଲଗି । କଲ୍ୟାଣ କରି ବୋଲେ ମର ବେଗି ।।

ଦେଖିଣ ମନେ କଲା ବଡ଼ରୋଷ । ଟିକି ଟିକି କରି କାଟିବି ମାଂସ ।।
ସେହିମତି କରି ସୁପତ ସ୍ଥାନ । ମାରିବା ବେଳକୁ ଦୁତିବାହାନ ।।
ପୁଅମାନଙ୍କୁ କେଣେ ନେଲେ ହରି । ମାୟା କୁମରଙ୍କୁ ମାଉସୀ ମାରି ।।
ମନରେ କରି ବଳିଆର ରୋଷ । ବୋଇଲା ଏଥର କାଟିବି ମାଂସ ।।
ଥୋକାଏ କଲା ମୁଗ ପ୍ରାୟ କରି । ଥୋକାଏ କାଟିଲା ଚଣାର ସରି ।।
ପୁଣି ଥୋକାଏ ବଡ଼ ତହୁଁ କଲା । ଯେମନ୍ତ ପରାଏ ଦିଶଇ ଯୋହ୍ଲା ।।
ଚାଙ୍ଗୁଡ଼ା ଗୋଟିକେ ସର୍ବ ପୁରାଇ । ପୋଇଲୀକି ବୋଲେ ଆସଲୋ ଦେଇ ।।
ଦେଖୁ ତା' ପୁଅଙ୍କ ମାଉଁସ କାଟି । ଏଥର ରଖିବ କେଉଁ ଦିଅଁଟି ।।
ତାହା ଶୁଣି ଦାସୀ ଚାଙ୍ଗୁଡ଼ା ଧରି । ସାଧବାଣୀ ପାଶେ ତ୍ୱରିତେ ମିଳି ।।
ମାଗଣା ଦେଉଥିଲା ସାଧବାଣୀ । ପୋଇଲୀ ଭେଟିଲା ଚାଙ୍ଗୁଡ଼ା ଘେନି ।।
ପୋଇଲୀ ବୋଲେ ଆଗୋ ସାଧବାଣୀ । ଚାଙ୍ଗୁଡ଼ା ଦେଲେ ତୁମ୍ଭର ଭଉଣୀ ।।
କି କି ଦେଇଛନ୍ତି ଦେଖିଣ ଥୁଅ । କହିଛନ୍ତି ଏହା ଖାଇବେ ପୁଅ ।।
ବୋଇଲେ ସାଧବାଣୀ ଦେଖଇ ସିନା । ଥୋଇଯାଅ ଗୋ ନପାଅ ବେଦନା ।।
ଶୁଣିଣ ପୋଇଲୀ ଥୋଇଲା ଘରେ । ଘିଅ ଘରବାଡ଼ି ପଟା ଉପରେ ।।
ଥୋଇଦେଇ କରି ଗଲା ପୋଇଲୀ । ପୋଏ ଅଇଲେ ଦାଣ୍ଡେ ବୁଲିବାଲି ।।
ପୁଅମାନଙ୍କୁ ସାଧବାଣୀ କହି । ମାଉସୀ ଯାହାକି ଥିଛନ୍ତି ଦେଇ ।।
ଦେଖିକରି ତୁମେ ଖାଅରେ ବାବୁ । ଦୁତିବାହନଙ୍କ ମହିମା ସବୁ ।।
ଶୁଣି ପୁଅମାନେ ଆନନ୍ଦ ହୋଇ । ଚାଙ୍ଗୁଡ଼ି ଆରି ଦେଖିଲେକ ନହିଁ ।।
ମୁଗ ପରାହୋଇ ଯେତେକ ମାଂସ । ସବୁ ହୋଇଅଛି ମୁଗ ସଦୃଶ ।।
ତହୁଁ ଥୋକାଏ ବଡ଼ଚଣା ହେଲା । ବଡ଼ି ଖଣ୍ଡିମାନ ହୋଇଛି ଯୋହ୍ଲା ।।
ଏକା ମାଂସ ତିନିରୂପ ହୋଇଲା । ଦେଖିଲେ ମୁଗ ବଡ଼ଚଣା ଯୋହ୍ଲା ।।

ପୁତ୍ରମାନେ ତହୁଁ ହରଷ ହୋଇ । କଉତୁକ କରି ଖାଇଲେ ଯାଇ ॥
ଦୁତିବାହନଙ୍କ ମହିମା ଏତେ । ଓଷାଇତିମାନେ ଶୁଣ ସୁଚିରେ ॥
ଏକଥା ଯେତେବେଳେ ଶେଷ ହେବ । ମୁଗ ବଡ଼ଚଣା ସୋହ୍ଲା ଛୁଇଁବ ॥
ଯେ ଧର୍ମ ଅଟନ୍ତି ଦୁତି ବାହନ । ସୁର ଅସୁର ସେ ଦେବ ନନ୍ଦନ ॥
ତେଣୁ ସେ ଧର୍ମର ତଳେ । ପୁରୁଷୋତ୍ତମ ଭଜଇ ନିଶ୍ଚଳେ ॥

❖

## ପଞ୍ଚଦଶ ଛାନ୍ଦ

ଏଥୁ ଅନନ୍ତରେ ଶୁଣ କାହାଣୀ । ଦୁତିବାହନଙ୍କ ଚରିତ ପୁଣି ॥
କାଟିଣ ଭଉଣୀ ପୁଅଙ୍କ ମାଂସ । ସେ ରାତିରେ ହେଲା ଅତି ହରଷ ॥
ମନେବିଚାରଇ ଅବଧୂ ମନେ । କେଉଁ ଯୋଗୁଁ ସିନା ମେଣ୍ଟାଉ ଥିଲେ ॥
ଏମନ୍ତେ ଦିନ ପାଞ୍ଚଗଲା ତହିଁ । ପୁତୁରାମାନେ ଭେଟ ହେଲେ ଯାଇ ॥
ଦେଖିଣ ମାଉସୀ ମନେକାତର । ପୁଣିତ ଜୀଇଁ ଅଇଲେ କୁମର ॥
ଏତେ ମାଇଲି ଜୀଉଛନ୍ତି କାହିଁ । କେଉଁ ରୂପରେତ ପାରିଲି ନାହିଁ ॥
ପୁଣି ଡାକିନେଲା ସୁପତ କରି । ଖଡ୍ଗ ଧରି ଆଗ ବଧ କରି ॥
ମାରିଣହୋଇ କୋପେ ପ୍ରଜ୍ୱଳିତ । ସବୁ ପୁଅଙ୍କର ଭାଙ୍ଗିଲା ଦାନ୍ତ ॥
ଅନ୍ତ କାଢ଼ିଣ ପକାଇଲା ଚିରି । ଅନ୍ତ ଦାନ୍ତଙ୍କୁ ଚାଙ୍ଗୁଡ଼ିରେ ଭରି ॥
ପୋଇଲୀକି ବୋଲେ ଦେଇ ଆଜ୍ଞା । ସାଧବାଣୀ ପୁଣି ପାଇବ ଲଜ୍ଜା ॥
ଶୁଣିଣ ପୋଇଲୀ ଚାଙ୍ଗୁଡ଼ିଧରି । ସାଧବାଣୀ ପୁରେ ବୁଲିଲେ ମିଳି ॥
ଭୁଞ୍ଜିଣ ବସିଥିଲା ସାଧବାଣୀ । ପୋଇଲୀ ମିଳିଲା ଚାଙ୍ଗୁଡ଼ି ଘେନି ॥
ଡାକିଲା ଏଣିକି ଆସ ଗୋ ମାଏ । ଭଉଣୀ ଦେଇଛନ୍ତି କି କି ଖାଏ ॥
ତାହା ଦେଇଛନ୍ତି ତୁମର ହିତେ । ଦେଖୁ ରଖିଲେ ନଥିବ ଅପ୍ରତେ ॥

ସାଧବାଣୀ ବୋଲେ ଭୁଞ୍ଜୁଛି ମୁହିଁ । ଦେଖଇସିନା ଦେଇଯାଅ ଥୋଇ ॥
ସାଧବାଣୀ ବୋଲ ଶୁଣିଲା ଯହୁଁ । ଟାଙ୍ଗୁଡ଼ି ରଖି ଲେଉଟିଲା ତହୁଁ ॥
କେତେକ୍ଷଣ ପରେ ସେ ପୁଅମାନେ । ମିଳିଲେ ଆସି ମାତା ସନ୍ନିଧାନେ ॥
ମାତା ବୋଇଲେରେ ବାଳକ ମୋର । ବହିଣ ଖାଅରେ ମାଉସୀଘର ॥
ଏବେ କି ଦ୍ରବ୍ୟ ଦେଇଛନ୍ତି ଆଣି । ଖାଅଯାବୋଲି କହେ ସାଧବାଣୀ ॥
ପୁତ୍ର ଧାଇଁଲେ ମାତାଙ୍କ ବଚନେ । ଟାଙ୍ଗୁଡ଼ି କାଢ଼ିଲେ ଯାଇ ବହନେ ॥
ଉତ୍ତମ ମକା ହୋଇଅଛି ଦାନ୍ତ । କନ୍ଦମୂଳ ଯେ ହୋଇଅଛି ଅନ୍ତ ॥
ଦ୍ୟୁତିବାହନଙ୍କୁ ସୁମରି ମନ । ମକା କନ୍ଦମୂଳ କଲେ ଭୋଜନ ॥
ଦ୍ୟୁତିବାହନ ରଖିଛନ୍ତି ଯାକୁ । ମାଉସୀ ମାତ୍ର କି କରିବ ତାକୁ ॥
ଯେଉଁ ପୁରୁଷ ଧର୍ମ ନିରଞ୍ଜନ । ସେହି ସିନା ଅଟେ ଦ୍ୟୁତିବାହନ ॥
ଓଷାଧରିମାନେ ଏକଥା ଶୁଣି । ମକା କନ୍ଦମୂଳ ଛୁଇଁବ ପୁଣି ॥
ଏଣୁ ସେ ଧର୍ମ ପୁରୁଷଙ୍କୁ ଆଶ । ଶରଣ ମାଗେ ପୁରୁଷୋତ୍ତମ ଦାସ ॥

❖

## ଷୋଡ଼ଶ ଛାନ୍ଦ

ଏଥୁ ଅନନ୍ତରେ ଶୁଣିବା ଆନ । ଆନନ୍ଦ ହୋଇ ଶାଳାବତୀ ମନ ॥
କାଢ଼ି ଶିରାଅନ୍ତ ଭାଙ୍ଗିଲି ଦାନ୍ତ । ଏହି ଥର ମରି ଯିବେଟି ସୁତ ॥
ସାଧବାଣୀ ଏବେ ମୋହର ମତ । ବାହୁନି କାନ୍ଦିବ କେତେ ସୁଗତ ॥
ଏମନ୍ତ ବିଚାରି ମନେ ହରଷ । ତହିଁ ଚାଲି ଗଲା କେତେ ଦିବସ ॥
ସାଧବାଣୀର ଯେତେକ କୁମର । ସକଳେ ମିଳିଲେ ମାଉସୀ ଘର ॥
କେତେ ପରକାରେ ମାଇଲି ମୁହିଁ । ନିର୍ଲ୍ଲଜ ପିଣ୍ଡ ନ ଗଲା କିମ୍ପାଇ ॥
କେଉଁ ପୁରୁଷ କେମନ୍ତେ ରଖଇ । କେମନ୍ତ ବଞ୍ଚାଏ ମୁଁ ତ ମାରଇ ॥

ଏବେ କି କରିବି ମରିବେ କାହିଁ । ବିଚାରି ଗମ୍ଭୀର ଘରକୁ ନେଇ ॥
ଖୋଳି ପକାଇଲା ସବୁଙ୍କ ଆଖି । କାଟି ଖଣ୍ଡେ ଖଣ୍ଡେ ହୋଇଲା ସୁଖୀ ॥
ପୁଣି କେତେବେଳେ ଦୁତିବାହନ । ଶୂନ୍ୟରେ ହରିଲେ ସେ ପୁତ୍ରମାନ ॥
ମାୟା କୁମରଙ୍କୁ କଲା ଏ ନାଶ । ଦାସୀକି ବୋଲେ ବେଗେ ଦେଇ ଆସ ॥
ପୁଣି ସଜାଡ଼ିଲା ଯତନ କରି । ସାଧବାଣୀ ଘରେ ତୁରିତେ ମିଳି ॥
ବୋଇଲା କି କରୁଅଛି ଗୋ ମାଏ । କି କି ମାନ ତୁମ ଭଉଣୀ ଦିଏ ॥
ସାଧବାଣୀ ବୋଲେ ଥୋଇଯା ଘରେ । ଦେଖନ୍ତି ସିନା ଅଇଲେ କୁମରେ ॥
ତାହା ଶୁଣି ଦାସୀ ଥୋଇଲା ଘରେ । ବାହୁଡ଼ି ପୋଇଲୀ ଗଲା ସତ୍ୱରେ ॥
ଥୋକାଏ ବେଳେ ସାଧବାଣୀ ପୋଏ । ମିଳିଲେ ଅ:ସି ଗୋଟିଏ ଗୋଟିଏ ॥
ସାଧବାଣୀ ବୋଲେ ଶୁଣ ମୋ ବାବୁ । ମାଉସୀ ଦେଇଛି ଖାଆ ଯା ସବୁ ॥
ତାହା ଶୁଣି ପୋଏ ଧାଇଁଲେ ଖରେ । ଥୋଇଲା ତାଙ୍କୁଡ଼ି ଆଣି ସତ୍ୱରେ ॥
କମଳା ଲେମ୍ବୁ ହୋଇଅଛି ଡୋଳା । ନାରଙ୍ଗ ଖାଇଣ ଧାଇଁଲେ ବଳା ॥
ଖାଇଣ ପୋଏ ହୋଇଲେ ଆନନ୍ଦ । ମାଉସୀର କେବେ ନ ଗଲା ଦ୍ୱନ୍ଦ୍ୱ ॥
ଓଷାଇତିମାନେ ଏ କଥା ଶୁଣି । ଲେମ୍ବୁ ନାରଙ୍ଗଙ୍କୁ ଛୁଇଁବେ ପୁଣି ॥
ଷୋଡ଼ଶ ଛାନ୍ଦ ଏ ହୋଇଲା ଶେଷ । କହେ ଅଧମ ପୁରୁଷୋତ୍ତମ ଦାସ ॥

❖

## ସପ୍ତଦଶ ଛାନ୍ଦ

ଏଥୁ ଉତାରୁ ଏବେ ଶୁଣ ଆନ । ପୁଣିଗଲେ ସାଧବାଣୀ ନନ୍ଦନ ॥
ଦେଖି ମାଉସୀର ବୁଡ଼ିଲା ଜ୍ଞାନ । ବୋଇଲେ କାହୁଁ ପାଇଲେ ଜୀବନ ॥
ବିଚାରି ମନେକଲା ମହାରୋଷ । ମାଇଲା ସୁପତେ ବାଳୁତ ଶିଷ୍ୟ ।
ଚେକାଚେକା କରି ଥୋକାଏ କାଟି । ଅନ୍ତ ଲାଗିଥାଏ ଯେହ୍ନେ ଲେଉଟି ।

ବନ୍ଧୁକ ଫୁଲ ପରାଏ ଥୋକାଏ । କେତେକ କେରନ୍ଦା କୋଳି ପରାଏ ॥
ଥୋକାଏ ମାଂସ ଫଡ଼ା ଫଡ଼ା କଲା । ପୋଇଲୀ ହାତେ ପଠିଆଇ ଦେଲା ॥
ସାଧବ ଦୁଆରେ ସେ ମାଂସ ଘେନି । ବଣିକ ମିଳିଲା ଯାଇ କାମିନୀ ॥
ସାଧବାଣୀ ଘରେ ଆଡ଼ତି ଥିଲା । ପୋଇଲୀ ଥୋଇ ବାହୁଡ଼ିଣ ଗଲା ॥
କେତେବେଳେକ ବେଳେ ବାଳୁତ ଶିଷ୍ୟ । ଘରଠାରେ ଯାଇ ହେଲେ ପ୍ରବେଶ ॥
ମାତା ବୋଇଲେ ଶୁଣ ଆରେ ବାଳ । ଖାଅ ଯା ମାଉସୀ ଦ୍ରବ୍ୟ ସକଳ ॥
ତାହା ଶୁଣି ପୋଏ ଦେଖିଲେ ଯାଇ । ଦୁତିବାହନଙ୍କୁ ସୁମରି ତହିଁ ॥
ଚେକି ଚେକି ହୋଇ ଯେତେକ ଥିଲା । ପଦ୍ମ ପୁଷ୍ପ ଯେ ସେତକ ହେଲା ॥
କଲାପିଉ ଯେ କାଟିଥିଲା ବାଳୀ । ଥୋକାଏ ହୋଇଛି କେରନ୍ଦାକୋଳି ॥
ଫଡ଼ା ଫଡ଼ା କରି କାଟିଛି ଯେତେ । କରମଙ୍ଗା ହୋଇ ଅଛଇ ସେତେ ॥
ପଦ୍ମପୁଷ୍ପର ଯେ କେରନ୍ଦା କୋଳି । କରମଙ୍ଗା ପୋଏ ଖୋଇଲେ ମିଳି ॥
ଓଷାଇତିମାନେ ଏହା ଶୁଣିଲେ । ଏହି ଦ୍ରବ୍ୟମାନ ଛୁଇଁବେ ଭଲେ ॥
ଏମନ୍ତ ଦୁତିବାହନଙ୍କ ରସ । ପ୍ରସ୍ତାବେ କହେ ପୁରୁଷୋତ୍ତମ ଦାସ ॥

❖

## ଅଷ୍ଟାଦଶ ଛାନ୍ଦ

ଏଥୁ ଉତ୍ତାରୁ ଶୁଣ ଆନ ରୀତି । ପୁଏ ନ ମରି ରହିଲା କୀରତି ॥
ପୁଣିଗଲା ତହିଁ କେତେ ଦିବସ । କ୍ଷୟ ନୋହିଲେ ଯେ ବାଳୁତ ଶିଷ୍ୟ ॥
କଉତୁକ କରି ଖେଳିବା ପାଇଁ । ଶାଳାବତୀ ପୁରେ ମିଳିଲେ ଯାଇଁ ॥
ଦେଖିଲେ ମାଉସୀ ଜିଉକାମୁଡ଼ି । ଜୀଇଛନ୍ତି ବୋଲି ମୋହରେ ପଡ଼ି ॥
କ୍ରୋଧେ ପ୍ରଜ୍ୱଳିତ ହୋଇଣ ବାଳୀ । ବାଳକଙ୍କୁ ଧରି ସ୍ୱହସ୍ତେ ମାରି ॥
ଛାଲି ପକାଇଲା ଦେହରୁ ଚମ । ହାଡ ମାଉଁସ କଲା ଭିନ୍ନ ଭିନ୍ନ ॥

ଅନ୍ତ ମାଉଁସ ମୁଦା ମୁଦା କଲା । ହାଡ଼ ଚମ ଭିନ୍ନ ଭିନ୍ନ ରଖିଲା ॥
ଟାଙ୍ଗୁଡ଼ା ଗୋଟିକେ ସବୁ ପୁରାଇ । ପୋଇଲୀକି ବୋଲେ ଦିଅଲୋ ନେଇ ॥
ତା' ଘେନି ପୋଇଲୀ ହେଲା ବାହାର । ଦେଇ ଆସିଲା ସାଧବାଣୀ ପୁର ॥
ଦୁତିବାହନଙ୍କ ମହିମାବଳେ । ସର୍ବ ପୋଏ ଯାଇ ମିଳିଲେ ଘରେ ॥
ଅଳି ଯେ କରନ୍ତି ମାତାଙ୍କଠାରେ । ଆହାର ମାଗନ୍ତି କ୍ଷୁଧା ଆତୁରେ ॥
ମାତା ବୋଇଲେ କୁମରଙ୍କୁ ଚାହିଁ । ମାଉସୀ ଦେଇଛି ଖାଅ ଯା ଯାଇଁ ॥
ଶୁଣି ପୁଅମାନେ ଧାଇଁଲେ ଖରେ । ଟାଙ୍ଗୁଡ଼ି କାଢ଼ି ଦେଖିଲେ ତଳରେ ॥
ଛାଲି ଦେଇଥିଲେ ଯେତେକ ଚମ । ସେ ପାଟ କାଛ ହୋଇଛି ଉତ୍ତମ ॥
ମାଉଁସ ଅନ୍ତ ମୁଦା ମୁଦା ଯାହା । ଉଆଁଉଟିମାନ ହୋଇଛି ତାହା ॥
ଲମ୍ବ ଲମ୍ବ ମାଂସ କାଟିଛି ଯେତେ । ପାଚିଲା କଦଳୀ ହୋଇଛି ତେତେ ॥
ଯେତେକ ହାଡ଼ ତହିଁ ଦେଇଥିଲା । ହାଡ଼ ଯାକ ସବୁ ମୂଳା ହୋଇଲା ॥
ଦୁତିବାହନଙ୍କୁ ସ୍ମରି ହୃଦୟେ । ଖାଇଲେ ପିନ୍ଧିଲେ ବାଳୁତ ପୁଏ ॥
ଏକଥା ଯେତେବେଳେ ଶେଷ ହେବ । ଏହି ଦ୍ରବ୍ୟମାନ ସର୍ବେ ଲୁଚିବ ॥
ଦୁତିବାହନଙ୍କ ମହିମା ଏତେ । ବଞ୍ଚିଲେ ସୁଖେ ସାଧବାଣୀ ସୁତେ ॥
ତେଣୁ ସେ ଦୁତିବାହନଙ୍କ ଆଶ । ପ୍ରସ୍ତାବେ କହେ ପୁରୁଷୋତ୍ତମ ଦାସ ॥

❖

## ଊନବିଂଶ ଛାନ୍ଦ

ଶୁଣ ଶୁଣ ଏବେ ଏମନ୍ତେ ରୀତି । ଦିନକୁ ଦିନ ମୃତ୍ୟୁଠାରୁ ବର୍ତ୍ତି ॥
ଦୁତିବାହନଙ୍କ ମହିମା ଯେଣୁ । ସାଧବାଣୀ ପୋଏ ନ ମଲେ ତେଣୁ ॥
ପୁଣି କିଛି ଦିନେ ବାଳକ ମତେ । ଖେଳିବାକୁ ଗଲେ ସାଧବ ସୁତେ ॥
ମାଉସୀ ମନ୍ଦିରେ ମିଳିଲେ ଯାଇ । ଦେଖି ମାଉସୀ ମୋହଗଲା ଚାହିଁ ॥

ବିଚାରଇ ମୁଁ ତ ମାଇଲି ଏତେ । ଜୀଇଁ ଆସୁଛନ୍ତି କେବଣ ମତେ ||
ଏବେ କି କରି ମୁଁ ନେବି ଜୀବନ । କାଟି ପକାଇଲା ସବୁରି କାନ ||
ପୁଣି ସବୁରି ଗୋଡ଼ ହାତ ଆଣି । ଶିରା ଶିରା କରି ଚିରିଲା ଜାଣି ||
ହାତ ଗୋଡ଼ ଗଣ୍ଡି କାନ ସହିତ । ପୁଣି ଚାଙ୍ଗୁଡ଼ିରେ ଭରି ସମସ୍ତ ||
ପୋଇଲୀ କି ବୋଲେ ଆସ ଲୋ ଦେଇ । ଜୀଉଛନ୍ତି ସେହୁ କେମନ୍ତ ହୋଇ ||
ଶୁଣି ପୋଇଲୀ ସେମାନ ପୁରାଇ । ଧାଇଁଲା ମନରେ ଆନନ୍ଦ ହୋଇ ||
ସାଧବାଣୀ କି ପୋଇଲୀ ବୋଇଲା । ଭଉଣୀ ଘରୁ ଯୋଗାଡ଼ ଅଇଲା ||
ଆସ ସାଧବାଣୀ ସାଇତିରଖ । ତୁମଠାରେ ତାଙ୍କ ବହୁତ ସୁଖ ||
ସାଧବାଣୀ ବୋଲେ ଦେଖିବା ପଛେ । ଖେଳ ଆସନ୍ତୁ ମୋ ବାଳୁତ ବଛେ ||
ଥୋଇ ଦେଇ ଯାଅ ଗମ୍ଭୀର ଘର । ଆସିଲେ ପୋଏ ଖାଇବେ ମୋହର ||
ଶୁଣି ପୋଇଲୀ ଥୋଇ ଲେଉଟିଲା । ମନ୍ତ୍ରୀ ମନ୍ଦିରେ ଯାଇଣ ମିଳିଲା ||
କେତେହେଁକ ବେଳେ ସାଧବ ପୋଏ । ଦାଣ୍ଡେ ଖେଳ ସାରି ମନ୍ଦିରେ ହୋଏ ||
ମାତାଙ୍କୁ ମାଗିଲେ ଖାଇବା ପାଇଁ । ମାତା କହିଦେଲେ ଖାଅ ଯା ଯାଇଁ ||
ଭିତରୁ କାଢ଼ି ଆଣିଲେ ନନ୍ଦନ । କାନ ଯାକ ସବୁ ହୋଇଛି ପାନ ||
ଚିରି ହାତଗୋଡ଼ ଦେଇଛି ଯାହା । ଜହ୍ନି କଖାରୁ ହୋଇଅଛି ତାହା ||
ଯେତେକ ମାଦଳି ଅଛଇ ପଡ଼ି । ସେତେକ ହୋଇ ଅଛଇ କାକୁଡ଼ି ||
ଦୁତିବାହନଙ୍କ ମହିମା ଏତେ । ଆନନ୍ଦେ ଖାଇଲେ ସାଧବ ସୁତେ ||
ଏ କଥା ଯେତେବେଳେ ଶେଷ ହେବ । ପାନ କାକୁଡ଼ି କଖାରୁ ଛୁଇଁବ ||
ଆବର ହିଁ ଜହ୍ନିମାନ ଛୁଇଁବ । ଦୁତିବାହନଙ୍କୁ ସୁମରୁଥିବ ||
ଦୁତିବାହନଙ୍କ ମହିମା ରସ । ଗୀତେ ଗାଇଲେ ପୁରୁଷୋତ୍ତମ ଦାସ ||

❖

## ତିଂଶ ଛାନ୍ଦ

ଏଥୁ ଉତ୍ତାରୁ ଶୁଣ ଆନ ରୀତି । ବାଳକ ବଧକଲା ଶାଳାବତୀ ॥
ଦୁତିବାହନଙ୍କ ମହିମାବଳେ । କେବେହେଁ ନମଲେ ସାଧବବାଳେ ॥
ଅନେକ ଥର ମରଣୁ ବଞ୍ଚିଲେ । ନାନା ଅପମୃତ୍ୟୁମାନ ମେଣ୍ଟିଲେ ॥
ଅନେକ ମତେ ନମଲେ କୁମର । ରକ୍ଷାକରନ୍ତି ସେ ଧର୍ମର ବାଳ ॥
ଶାଳାବତୀ ବୋଲେ କି କଥା ଏହି । କେଉଁ ଦେବତା କେମନ୍ତ ରଖଇ ॥
ଅନେକ ସନ୍ତାପ କରଇ ମନ । ଲୋତକ ବହଇ ବେନି ନୟନ ॥
ଦିନକୁ ଦିନ କ୍ଷୀଣ ହେଲା ତନୁ । ପୁତୁରାଙ୍କ କଥା ନ ଯାଏ ମନୁ ॥
ଏକ ଦିନକରେ ଦାସୀ କି ରାଇ । ବୋଇଲା ଆଲୋ ଦେଖି ଆସ ଯାଇ ॥
ମଲେ କି ନାହିଁ ସାଧବାଣୀ ସୁତେ । କାନ୍ଦିଲା କି ନାହିଁ ବାହୁନି ପୁତେ ॥
ତାହା ଶୁଣି ଦାସୀ ବହନ ଧାଇଁ । ସାଧବାଣୀ ପୁରେ ମିଳିଲା ଯାଇ ॥
ଆନନ୍ଦ ହୋଇ ସାଧବ ବାଳକେ । ବେଢ଼ିଛନ୍ତି ଆରୋଗ୍ୟରେ ଅଶୋକେ ॥
କେ ପୋଥି ଘେନିଣ ଗାଉଛି ଗୀତ । କେଉଁ ପୁଅଗୋଟି ଖାଉଛି ଭାତ ॥
କେଉଁ ପୁଅଗୋଟି ବାଳକ ସଙ୍ଗେ । ଖେଳ ଘର କରି ନାଚଇ ରଙ୍ଗେ ॥
କେଉଁ ପୁଅଗୋଟି ଗୋଳକରୁଛି । କେ କୋଳେ ବସିଣ ଦୁଧ ଖାଉଛି ॥
ତାହା ଦେଖି ଦାସୀ ବାହୁଡ଼ି ଯାଇ । ଶାଳାବତୀ ଆଗେ ସକଳ କହି ॥
ସେହି ଗୋ କିମ୍ପାଇଁ ମରିବେ ମାଏ । ଘରେ ଖେଳୁଛନ୍ତି ସକଳ ପୋଏ ॥
ଶୁଣି ଶାଳାବତୀ କପାଳେ ମାରି । ବୋଇଲା ଆରେ ନାନାମତେ ଭାଳି ॥
ଏହି ସମୟେ ତହିଁ ମନ୍ତ୍ରୀବର । ଘୋଡ଼ାରେ ଚଢ଼ି ମିଳିଲା ସତ୍ୱର ॥
ପୁଅର ମରିବା ବିଚାର ଯାକ । ନୃପତେ ମନ୍ତ୍ରୀ ଶୁଣିଲା କେତେକ ॥
ବହୁତ ଝିଙ୍ଗାସ କଲା ତାହାକୁ । ବୋଇଲା କିମ୍ପା ମାର ବାଳକଙ୍କୁ ॥

ପୂର୍ବ ଦୋଷୁ ମଢ଼ିଛି ହୋଇଅଛୁ । ଏବେ ବାଳକ ମାରିବୁ ବୋଲୁଛୁ ।।
ବା'ର କରମେ ହେଲେ ଏତେ ପୁତ୍ର । ତୁ କିମ୍ପା ଦେଖି ହେଲୁ କାଠଭୂତ ।।
ଭଉଣୀ ସିନା ବୟସରେ ସାନ । କର୍ମକୁ ଏକା ବଡ଼ କରି ମାନ ।।
ଏବେ ତାକୁ ଚାଲ କରିବା ସେବା । ସେବା କଲେ ପୁତ୍ର ଦାନ ପାଇବା ।।
ମନ୍ତ୍ରୀ ଶାଳାବତୀ ଦୁହେଁ ସେ ଗଲେ । ସାଧବାଣୀ ପାଶେ ପ୍ରବେଶ ହେଲେ ।।
ସନ୍ତୋଷ ହୋଏ ସାଧବାଣୀ ମନ । ଭଉଣୀକୁ କହେ ପୂର୍ବ ଘଟନ ।।
ଆଲୋ ଶାଳାବତୀ ବଡ଼ ଭଉଣୀ । ପୂର୍ବ ଜନ୍ମେ ମୋର କଥା ନମାନି ।।
ଦ୍ୱିତୀୟା ଓଷାରେ କୋରଡ଼େ ପଶି । ଖାଇଲୁ ତୁ ହାଡ଼ ମାଉଁଶ ରାଶି ।।
ସେହି ଦୋଷେ ତୁହି ମଢ଼ିଛି ହେଲୁ । ପୁତ୍ର ମୁଖ କେବେ ତୁ ନ ଦେଖିଲୁ ।।
ମୋ ପୁଅ ମାଇଲୁ ବହୁତ ଥର । ଦୁତିବାହନ ଯେ ସହାୟ ମୋର ।।
ଅନେକଥର ସେ ବଞ୍ଚାଇ ଦେଲେ । କାଲି ରାତ୍ରେ ସ୍ୱପ୍ନେ ମୋତେ କହିଲେ ।।
କହଇ ଆଲୋ ଶୁଣ ଶାଳାବତୀ । ଯେବେ ହୋଇବୁ ଧନ ପୁତ୍ରବତୀ ।।
ଅତି କଷ୍ଟରେ ଏ ଦ୍ୱିତୀୟା ଓଷା । କଲେ ନିଶ୍ଚୟ ପାଲଟିବ ଦଶା ।।
ଦୁତିବାହନ ଏ ଧର୍ମ ପୁରୁଷ । ସୁର ଅସୁର ଯେ ତାଙ୍କର ଦାସ ।।
ଯେଣୁ ସେ ଦୁତିବାହନଙ୍କ ଆଶ । ଗୀତେ ଭଣିଲେ ପୁରୁଷୋତ୍ତମ ଦାସ ।।

❖

## ଏକବିଂଶ ଛାନ୍ଦ

ଏଥୁ ଅନନ୍ତରେ ଶୁଣ କାହାଣୀ । ଓଷା କରାଇଲା ସାନ ଭଉଣୀ ।।
କାଷ୍ଠାକରି କଲା ଦୁତିଆ ଓଷା । ପାଲଟିଲା ଅତି ଘୋର ଦୁର୍ଦ୍ଦଶା ।।
ଭଉଣୀ ପାଶେ ଜଗିଣ ରହିଲା । କାହିଁ ଅନ୍ନ୍ୟଦ୍ରବ୍ୟ କିଛି ନ ଖାଇଲା ।।
କ୍ଷୁଧାରେ ଆକୁଳ ମନ୍ତ୍ରୀ ରମଣୀ । ଜଗିଣ ରହିଲା ସାନ ଭଉଣୀ ।।

ପୂଜିଲା ଏକୋଇଶ ଦୁର୍ବାକରି । ପୂର୍ବ କଥାମାନ ମନେ ସୁମରି ॥
ପୂଜିବାବେଳେ ହେଲେ ପରସନ । ଧନୁଶର ଘେନି ଦୁତିବାହନ ॥
ବରଷ ସତର ହୋଇ କୁମର । ଯୁଇକାଠ ଧନୁ ସେ କାଠଶର ॥
ବିନ୍ଧିଲେ ଶାଳାବତୀ ଉପରକୁ । ଉଠ ଉଠ ପୁତ୍ର ବୋଲି ତାହାଙ୍କୁ ॥
ସେ କାଣ୍ଡବାଜି ଶାଳାବତୀ ଅଙ୍ଗ । ମଡ଼ିଛି ଦୋଷହେଲା ତହୁଁ ଭଙ୍ଗ ॥
ଯେତେବେଳେ ଏହୁ କଥା ଶୁଣିବ । କାଣ୍ଡ ମାରିବାକୁ ସଂଯୋଗୀ ହେବ ॥
ଶାଳାବତୀ ସାଧବାଣୀ ଯେ ଦୁଇ । ଦୁତିବାହନ ମନ୍ତ୍ରିଚାରି ହୋଇ ॥
ଛାକିଣ ରହିଲେ କୋଠିର ପାଶେ । ଯେ ବିଧିବିଧାନ କରି ବିଶେଷ ॥
ସେ ଦୁତିବାହନ ହେଲେ ପ୍ରସନ୍ନ । ଦେଲେ ଲଗାଇ ଯୁଇ ଶରାସନ ॥
ପୂର୍ବର ଜନମ କହିଲେ ଆଗେ । ଚିଲ ଶିଆଳ କଲେ ଯେତେରଙ୍ଗ ॥
ସେଠାରେ ସେ ଦୁହେଁ ମାଗିଲେ ବର । ଚିଲ ଶିଆଳ ଥିବେ ସର୍ବକାଳ ॥
ଯେ ଏହି ସଂସାରେ ଓଷା କରିବ । ଚିଲ ଶିଆଳ ପୂଜା ପାଉଥିବ ॥
କଥା ରହିବ ଆଜ୍ଞୁ ସର୍ବଦିନ । ସତ୍ୟ କରାଇଲେ ଦୁତିବାହନ ॥
ସେ ଦିନୁ ତାଙ୍କୁ ଗୁଣ ହେଲା ଗାଥା । ଦୁତିଆନାମେ ଏ ଓଷା ବ୍ୟବସ୍ଥା ॥
ମନ୍ତ୍ରୀଭାରିଯାଯେ ଏ ଓଷାକଲା । ଧନବତୀ ପୁତ୍ରବତୀ ହୋଇଲା ॥
ତାଙ୍କ ଗୁଣ ଯେଣୁ ହେଲା ବାସୁଣୀ । ଶୁଣି ସର୍ବଦୋଷୁ ତର ତରୁଣୀ ॥
ଦୁଇ ଭଉଣୀଙ୍କ ବ୍ରତ ବିଶେଷ । ଶୁଣି ସର୍ବଜନ ମନକୁ ତୋଷ ॥
ଓଷା କୋଠିରେ ଭାଙ୍ଗି ଶିରୀଫଳ । ରଖିଲେ ପାତ୍ରେ କାହାଳିଆ ଜଳ ॥
ଓଷା ପୂଜାସାରି ଘରକୁ ଗଲେ । ଏକ ଶଯ୍ୟା ହୋଇ ଦୁହେଁ ଶୋଇଲେ ॥
ଏମନ୍ତ ରଜନୀ ହୋଇଲା ଶେଷ । କୋଠି ପାଖେ ଯାଇ ହେଲେ ପ୍ରବେଶ ॥
ଚିଲ ଶିଆଳକୁ ହାତରେ ଘେନି । ନଦୀକୁ ଚଳିଲେ ଦୁଇଭଉଣୀ ॥

ଶିରେ ଜାହାଳିଆ ପାଣି ଭିଡ଼ିଲେ । ବିଧିରେ ପୂଜା ବନ୍ଦାପନା କଲେ ॥
ହସ୍ତରେ ତୋଳିଣ ଅତି ସଧୀରେ । ଦୁହିଁକି ଭସାଇଦେଲେ ନଦୀରେ ॥
ଖୋଜିଲେ ପୁଣି ସେ ନଦୀ ଭିତରେ । କୁମର କାମନା କରି ମନରେ ॥
ପାଇଲେ ତହୁଁ ଚଣା ଗୋଟା ସାତ । ରାଣୀ ସେବା କଲେ କରିଣ ତତ୍ତ୍ୱ ॥
ଗଜାମୁଗଆଦି ପ୍ରସାଦ ଯେତେ । ବାଣ୍ଟିଦେଲେ ପୁଅଝିଅଙ୍କ ହାତେ ॥
ସ୍ନାନବିଧି ସାରି ଗୃହେ ମିଳିଲେ । ନାନା ଆୟୋଜନ ବିଧାନ କଲେ ॥
ଏଥୁ ଅନ୍ତରେ ପାଳଣା ବିଧାନ । କଲେ ନାନାଫଳ ନାନା ବ୍ୟଞ୍ଜନ ॥
ପାୟସପିଷ୍ଟକ ଆଦିହିଁ ପୁଣି । ଦେବଯୋଗ୍ୟ ପାକକଲେ ସେ ଜାଣି ॥
ଚିଲ ଶିଆଳେକଲେ ନିବେଦନ । ବନ୍ଧୁ କୁଟୁମ୍ବଙ୍କୁ କଲେ ଅର୍ଚ୍ଚନ ॥
ଉତ୍ତମ ଖାଦ୍ୟ ପାନ ତାଙ୍କୁ ଦେଲେ । ଶେଷରେ ପୁଣ ଆପଣେ ଭୁଞ୍ଜିଲେ ॥
ଏ ରୂପେ ସାଧବାଣୀ ତହିଁ ଯାଇ । ଓଷା ବିଧାନକୁ ଦେଲା କରାଇ ॥
ଏଥୁ ଅନ୍ତରେ କିଛିଦିନ ଗଲା । ଶୀଳାବତୀ ଗର୍ଭବାସ ହୋଇଲା ॥
ଜନମହେଲା ତା'ର ଏକ ସୁତ । ତେଣୁ ଅଧିକ ତା' ବଳିଲା ତତ୍ତ୍ୱ ॥
ଏ ରୂପେ ତା'ର ସାତ ପୁଅ ହେଲେ । ଯମହିଁ ତାଙ୍କୁ ଚାହିଁ ନ ପାରିଲେ ॥
ଦୁତିବାହନ ଓଷା ପୁଣ୍ୟ ଫଳେ । ନଛିଡ଼େ ଖଡ଼ଗେ ନବୁଡ଼େ ଜଳେ ॥
ଶୀଳାବତୀ ବଡ଼ ହରଷ ହୋଇ । ସୁଖେ ରାଜ୍ୟକଲେ ସେ ସାତ ଭାଇ ॥
ଶୀଳାବତୀ ସେହିପରି ହରଷ । ବ୍ରତ କରୁଥାନ୍ତି ପ୍ରତିପରଷ ॥
ଏମନ୍ତେ କେତେକାଳ ରାଜ୍ୟ କଲେ । ଅନ୍ତେ ଯାଇ ସ୍ୱର୍ଗପୁରେ ବସିଲେ ॥
ଦୁତିବାହନଙ୍କ ଚରଣେ ଆଶ । ପ୍ରଭାବେ କହେ ପୁରୁଷୋତ୍ତମ ଦାସ ॥

## ଦ୍ୱାବିଂଶ ଅଧ୍ୟାୟ

ଏମନ୍ତ ଭାବରେ ଦୁତୀୟା ଓଷା । ଦୁତିବାହନଙ୍କ ପୂଜିବା ଓଷା ॥
ନାରୀକେଳ ଫଳ ଭାଙ୍ଗିବ ପୁଣି । ଅର୍ଘ୍ୟ କରିଦେବ ତାହାର ପାଣି ॥
ସୁବ୍ରାହ୍ମଣଙ୍କୁ ବରଣ କରିବ । କଥା ଶୁଣି ପୁଣି ଦକ୍ଷିଣା ଦେବ ॥
ଦକ୍ଷିଣା ନଦେଇ ଘରକୁ ଯାଏ । ଓଷାକରି ଫଳ ସେହୁ ନ ପାଏ ॥
କୋଠି ଥାପି ଯେହୁ କଥା କହିବ । କୋଠିରେ ଯେତେ ଦ୍ରବ୍ୟ ଥିବ ନେବ ॥
ଏକୋଇଶ ଦ୍ରବ୍ୟ ଓଷାରେ ଯେତେ । ଚଣ୍ଡ ବ୍ରାହ୍ମଣଙ୍କୁ ଦେବ ସୁଚିରେ ॥
ଏ ଓଷା ସାମଗ୍ରୀ ଖାଇବ ନାହିଁ । ରାତ୍ରୁ ହୁଁ ସ୍ନାନ କରିବ ସେ ଯାଇ ॥
ରାନ୍ଧିବ ଆସି ବିବିଧ ବ୍ୟଞ୍ଜନ । ପୂଜିବା ଦ୍ରବ୍ୟ ବାଣ୍ଟିବା ବିଧାନ ॥
ଏମନ୍ତ ପ୍ରକାରେ ଦୁତିଆ ବିଧି । ବାଞ୍ଛା କଲା ନାରୀ ପାଇବ ନିଧି ॥
ଚିଲ ଶିଆଳ ଯେ ଏ ଓଷା କଲେ । ଦେଖିଲଟି କି ଦଶା ପାଇଥିଲେ ॥
ତେଣୁ ଏ ଓଷା ଯେ ସ୍ତିରୀ କରିବ । ଅକ୍ଷୟ ପୁତ୍ର ସମ୍ପଦ ପାଇବ ॥
ଯେ ବନ୍ଧ୍ୟା ଯେବା ମୃତବତ୍ସା ନାରୀ । ଅନେକ ସୁତ ହୁଅନ୍ତି ତାଙ୍କରି ॥
ବାଞ୍ଛାବଳେ କୁଷ୍ଠାଦି ରୋଗ ଯେତେ । ନାଶ ହୁଅନ୍ତି ଯେ ଏ ମହାବ୍ରତେ ॥
ଯେ ଯାହା ବିଚାରି କରେ ଏ ଓଷା । ଅଭରସା ନୋହେ ପାଏ ଭରସା ॥
ନିନ୍ଦା କରନ୍ତି ଯେ ପୁରୁଷ ନାରୀ । ତାଙ୍କ କୁମର ଯାନ୍ତି ଯମପୁରୀ ॥
ମନେହେ କେବେ ନିନ୍ଦା ନକରିବ । କଲେ ସାତ ଜନ୍ମ ବନ୍ଧ୍ୟା ହୋଇବ ॥
ପ୍ରଶଂସା ସ୍ତୁତିଗୋ କରଇ ଯେହୁ । କେବେ ଅପୁତ୍ରିକ ନୁହଇ ସେହୁ ॥
ଓଷା କଥା ଅଧା ଶୁଣି ଯେ ଯାଇ । ସାତଜନ୍ମ ଯେ ଅପୁତ୍ରିକ ହୋଇ ॥
ତେଣୁ ଅଧେ ଶୁଣି କେବେ ନଯିବ । ସଇଲେ ଯେ ଯାହା ମତେ ଉଠିବ ॥

ଶୁଣି ଗୋ ସନ୍ତୋଷ ସୁଜନେ ହେବ । ଆନନ୍ଦରେ ଜୟ ଜୟ ବୋଲିବ ।।
ମୁଖରେ ପୁଣି ହୁଳହୁଳି ଦେଇ । ଗମନ କରିବ ଆନନ୍ଦ ହୋଇ ।।
ବଳଭଦ୍ର ରୂପ ଦୁତିବାହନ । ସହଜେ ତ ନିରଞ୍ଜନ ନନ୍ଦନ ।।
ଦୁତିବାହନ ଅଗତିର ଗତି । ରହିଛି ପୁରାଣେ ଯା ନାମ ସ୍ଥିତି ।।
ରାଣ୍ଡୀବ୍ରାହ୍ମଣୀ ଚୋରି ପ୍ରୀତି ଦୋଷେ । ଏ ଘେନି ହୋଇଲେ ମୁଗଲ ଅଂଶେ ।।
ଓଷା କରି ହିନ୍ଦୁ ମୁସଲମାନ । ବିରୋଧ ଆଉ ନ ଧରିବ ମନ ।।
ଦୁଇ ଦଳରେ ଏହି ଭାବ ରହୁ । କାହାର ମନରେ ଆଶଙ୍କା ନୋହୁଁ ।।
ଯେହୁ ଉପହାସ କରିବ ଏଥୁ । ତାଙ୍କୁ ନେଇ ଯମ ଦିଅଇ ଶାସ୍ତି ।।
ଏଣୁ ସେ ଦୁତିବାହନଙ୍କୁ ଆଶ । କଥା ଭଣିଲେ ପୁରୁଷୋତ୍ତମ ଦାସ ।।

❖ ❖ ❖

ଅକ୍ଷର ସଜ୍ଜା ଓ ମୁଦ୍ରଣ : ମା' ତାରିଣୀ ପ୍ରିଣ୍ଟର୍ସ, ରାଜାବଗିଚା, ବଡ଼େଇସାହି, କଟକ-୯